ଧରିତ୍ରୀ
DHARITRI
July 31-August 6, 2022 ₹2/-

# ଛୁଟିଦିନ



## ଅଜବ ଖାଦ୍ୟାଭ୍ୟାସ

ଶରୀର ପାଇଁ ଖାଦ୍ୟର ଆବଶ୍ୟକତା ଆଉ ସୁସ୍ଥ ଶରୀର ଲାଗି ସୁଷମ ଖାଦ୍ୟ। କିନ୍ତୁ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ବଞ୍ଚିବା ପାଇଁ ସୁଷମ ଖାଦ୍ୟ ବଦଳରେ ଜରି, ମାଟି, ଗୋଡ଼ି, ପ୍ଲାଷ୍ଟିକ୍ ଆଦିକୁ ବି ସାମିଲ କରିଛନ୍ତି ଖାଦ୍ୟରେ...

ପ୍ରଚ୍ଛଦ ପ୍ରସଙ୍ଗ ୩



୧୪

୫

# ବାସ୍ତୁ ଅନୁସାରେ ବଗିଚା

**ଘରର ପରିବେଶକୁ ନିର୍ମଳ ଆଉ ସୁସ୍ଥ ରଖିବା ସହ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ବଗିଚା। ଆଉ ଯଦି ଏହି ବଗିଚାର ସବୁ ଜିନିଷକୁ ବାସ୍ତୁ ଅନୁଯାୟୀ ସଜାଯାଏ, ତା'ହେଲେ ଏହା ଘର ପାଇଁ କି ଉପକାର ଆଣିଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

* ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ବଗିଚା ପାଇଁ ଉତ୍ତର ତଥା ପୂର୍ବ ଦିଗ ହେଉଛି ସର୍ବୋତ୍ତମ। କୁହାଯାଏ, ଘରର ଉତ୍ତର ଦିଗରେ ବଗିଚା ରହିଲେ ଘର ଲୋକଙ୍କର ଉନ୍ନତି ହୋଇଥାଏ। ବିଶେଷକରି ଏହି ଦିଗରେ ଥିବା ବଗିଚାରେ ତୁଳସୀ ଗଛ ରହିଲେ ଶୁଭ ଫଳ ମିଳିଥାଏ।
* ଉତ୍ତର ଦିଗରେ ଥିବା ବଗିଚାରେ ଛୋଟ ଛୋଟ ଗଛ ତଥା ବିନା



କଣ୍ଟା ବାଲା ଗଛ ଲଗାଇବା ଶୁଭ ହୋଇଥାଏ।
* ବଗିଚାରେ ୱାଟର୍ ଫାଉଣ୍ଟେନ୍ ଲଗାଇବାର ଇଚ୍ଛା ଥିଲେ ଏହାକୁ ଆପଣ ଚାହିଁଲେ ଉତ୍ତର ଦିଗରେ ଥିବା ବଗିଚାରେ ଲଗାଇପାରିବେ।
* ଅନ୍ୟପକ୍ଷେ ପୂର୍ବ ଦିଗରେ ଥିବା ବଗିଚାରେ ଫଳ ହେଉଥିବା ଗଛ ଲଗାଇଲେ ଭଲ ଲାଭ ହୋଇଥାଏ। ଆଉ ଯଦି ଏହି ଦିଗରେ କିଛି ଛୋଟ ଛୋଟ ଗଛ ଲଗାଇବାକୁ ଚାହୁଁଥାନ୍ତି, ତା'ହେଲେ କୁଣ୍ଡରେ ଏହାକୁ ଲଗାଇ ରଖିପାରିବେ।
* ଯଦି ଉତ୍ତର କିମ୍ବା ପୂର୍ବ ଦିଗରେ ବଗିଚା କରିବା ପାଇଁ ସୁବିଧା ନାହିଁ, ତା'ହେଲେ ସେ କ୍ଷେତ୍ରରେ ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ବଗିଚା କରିପାରିବେ। କିନ୍ତୁ ଏହି ବଗିଚାରେ ଲାଗିଥିବା ଗଛ ଘରର କାନ୍ଥକୁ ନଲାଗି ଟିକେ ଛାଡିକି ରହିଲେ ଭଲ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

**ଜୁଲାଇ ୩୧- ଅଗଷ୍ଟ ୬**

### ମେଷ



ଶରୀର କଷ୍ଟ, ମାନସିକ ବ୍ୟସ୍ତତା, ଅର୍ଥ ପାଇବେ, କାମଟି ବିଳମ୍ବରେ ହେବ, ରାଜକୀୟ ସମ୍ମାନ, ଭ୍ରମଣ ସୁଯୋଗ, ଧର୍ମକାର୍ଯ୍ୟ କରିବେ, ନୂତନ କର୍ମ ସଂସ୍ଥାନ, ଖୁସି ଖବର, ପରିବାରରୁ ପୂର୍ଣ୍ଣ ସହଯୋଗ ମିଳିବ ॥

### ବୃଷ



ଦୁଃସାହସିକ ପଦକ୍ଷେପ, କୃତକାର୍ଯ୍ୟ ହେବେ, ଅର୍ଥର ଆବଶ୍ୟକତା, ଦ୍ରବ୍ୟ ଲାଭ, ଯାନ୍ତ୍ରିକ ତ୍ରୁଟି, ଦ୍ୱନ୍ଦ୍ୱରେ ପଡିବେ, ନୂତନ ବନ୍ଧୁତ୍ୱ, ମଙ୍ଗଳୋତ୍ସବ କୈଫିୟତ୍ ଦେବାକୁ ପଡିବ, ତୀର୍ଥାଟନ କରିବେ ॥

### ମିଥୁନ



ଭ୍ରମଣ ଓ କାର୍ଯ୍ୟସିଦ୍ଧି, ମନ ପ୍ରଫୁଲ୍ଲ ରହିବ, ସାମ୍ବାଦିକତାରୁ ଗୌରବ, ଘଟଣାର ସମୀକ୍ଷା, ପ୍ରଶଂସିତ ହେବେ, କର୍ମକ୍ଷେତ୍ରରେ ଦାୟିତ୍ୱ ବୃଦ୍ଧି, ଧର୍ମାନୁଷ୍ଠାନର ନେତୃତ୍ୱ, ପ୍ରତିଯୋଗୀତାରେ ସଫଳତା, ସନ୍ଦେହମୋଚନ ॥

### କର୍କଟ



ମନୋରଞ୍ଜନ କାର୍ଯ୍ୟକ୍ରମ, ସମସ୍ୟାବହୁଳ କର୍ମକ୍ଷେତ୍ର, ଜଞ୍ଜାଳ ବଢିଯିବ, ଚାପ ବୃଦ୍ଧି ପାଇବ, ଦୂରସ୍ଥାନକୁ ଯାତ୍ରା, ଶାରିରୀକ ସୁସ୍ଥତା, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ଅର୍ଥ ସଙ୍କଟ ଟଳିଯିବ, ପ୍ରକାଶନରେ ବିଳମ୍ବ ॥

### ସିଂହ



ସହମତିରେ କାର୍ଯ୍ୟାରମ୍ଭ, ଅପେକ୍ଷାକୃତ ସଫଳତା, ସମସ୍ୟା ଆସିପାରେ, ଅଯଥା ଧନ ବ୍ୟୟ, ସମାଲୋଚିତ ହୋଇପାରନ୍ତି, ବନ୍ଧୁସମ୍ପର୍କ ହାନି, ସହକର୍ମୀଙ୍କ ଅସହଯୋଗ, ମହାଜନୀ ଚାପ, ମକଦ୍ଦମାରୁ ଦୁଃଶ୍ଚିନ୍ତା ॥

### କନ୍ୟା



ଲକ୍ଷ୍ୟ ପୂରଣ, ରପ୍ତାନି ବାଣିଜ୍ୟରେ ଉନ୍ନତି, ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ, ସହାୟତା ପାଇବେ, ବନ୍ଧୁ ମିଳନ, ଦୁଃସାଧ୍ୟ କାର୍ଯ୍ୟସାଧନ, ଲକ୍ଷ୍ୟହୀନ ଯାତ୍ରା, ଆତ୍ମୀୟଙ୍କ ସହ ମନୋମାଳିନ୍ୟ, ବିବାଦୀୟ ପରିସ୍ଥିତି, ଠକାମିରେ ପଡିପାରନ୍ତି ॥

### ତୁଳା



ବିବାଦଗ୍ରସ୍ତ ହୋଇପାରନ୍ତି, ଘରକାମରେ ବ୍ୟସ୍ତତା, ଅପେକ୍ଷାକୃତ ଅସୁବିଧା, ବନ୍ଧୁ ବିରୋଧି ହେବେ, ଅର୍ଥ ସାହାଯ୍ୟ, ଲାଭାଂଶ ବଢିବ, ପ୍ରଗତିର ପଥରୋଧ, ପୂର୍ଣ୍ଣଗୃହ ନିର୍ମାଣ, ସାଂସ୍କୃତିକ କାର୍ଯ୍ୟକ୍ରମ ॥

### ବିଛା



ନୂତନ କର୍ମାରମ୍ଭ, ସାଙ୍ଗଠନିକ ନେତୃତ୍ୱ, ଶାରୀରିକ ଅସୁସ୍ଥତା, ପରିବାରରେ ଝଡ, ଅସମ୍ପୂର୍ଣ୍ଣ କାର୍ଯ୍ୟରୁ ମନସ୍ତାପ, ବନ୍ଧୁଙ୍କ ଅନାଦର ଭାବ, ପରିସ୍ଥିତି ହାଲୁକା ହେବ, ବନ୍ଧୁ ମିଳନ, ଯାତ୍ରାରେ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି ॥

### ଧନୁ



ସାହସିକତାରୁ ପ୍ରଶଂସା, ସମ୍ମାନୀୟଙ୍କ ସହାୟତା, ଖୁସିର ଆସର ଜମିବ, ତ୍ୱରାନ୍ୱିତ କାର୍ଯ୍ୟ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ସୁସମ୍ପର୍କ ବ୍ୟାହତ, ପୀଡ଼ାନୁଭବ, ପାରିବାରିକ ସୌଖ୍ୟ, ବିବାହପ୍ରସ୍ତାବ ଆସିବ ॥

### ମକର



ବୈଷୟିକ ଅଭିବୃଦ୍ଧି, ସାହିତ୍ୟାନୁରାଗ, ଏଜେନ୍‌ସିପ୍ରସାର, ବନ୍ଧୁଙ୍କୁ ଆପ୍ୟାୟିତ କରିବେ, ସ୍ୱାସ୍ଥ୍ୟ ସମସ୍ୟା, ମନ ଭାରାକ୍ରାନ୍ତ ରହିବ, ସମ୍ପର୍କହାନୀ, ବନ୍ଧୁଙ୍କ ଭୁଲ୍ ବୁଝାମଣା, ପରିବାରରେ ବିତର୍କ, ଉପରିସ୍ଥଙ୍କ ତାଗିଦା, ଧାତୁ ଅଳଙ୍କାର କ୍ରୟ ॥

### କୁମ୍ଭ



କାର୍ଯ୍ୟସିଦ୍ଧିରୁ ଆନନ୍ଦ, ପରୋପକାରରୁ ପ୍ରଶଂସା, ଶତ୍ରୁ ଉପଦ୍ରବ କମିବ, ଅର୍ଥସମ୍ମାନ ପାଇବେ, ଅସୁବିଧାରେ ପଡିପାରନ୍ତି, ଆତ୍ମୀୟଙ୍କ ଅନାଦର, ପୈତୃକ ସମ୍ପତିରେ ବିବାଦ, ଋଣ ପରିଶୋଧ, ସତ୍‌ସଙ୍ଗର ସୁଯୋଗ ॥

### ମୀନ



ପ୍ରତିବନ୍ଧକର ସମ୍ମୁଖୀନ, କାର୍ଯ୍ୟହାନୀରୁ ମନସ୍ତାପ, ଅଜୀର୍ଣ୍ଣ ପୀଡ଼ା, ଅତୀତ ଘଟଣାର ଅନୁଚିନ୍ତା, ଶୁଭ ଖବର ପାଇବେ, ଆମୋଦ ପ୍ରମୋଦ, ସହଯୋଗର ଅଭାବ, ବ୍ୟବସାୟିକ ସଫଳତା, ଦୂରବନ୍ଧୁ ଆସିବେ ॥

# ଉପକାରୀ ଅଖରୋଟ



ମସ୍ତିଷ୍କକୁ ସୁସ୍ଥ ରଖିବାରେ ୱାଲନଟ୍ ବା ଅଖରୋଟର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥାଏ। କେବଳ ମସ୍ତିଷ୍କ କାହିଁକି ସମ୍ପୂର୍ଣ୍ଣ ଶରୀର ପାଇଁ ବି ଏହା ବେଶ୍ ଉପକାରୀ। କାରଣ ଏଥିରେ ଭରି ରହିଥାଏ ପ୍ରୋଟିନ୍, ଭିଟାମିନ୍, ଆଇରନ୍, କ୍ୟାଲସିୟମ୍, କପର୍, ଫସ୍‌ଫରସ୍, ମ୍ୟାଗ୍ନେସିୟମ୍, ଓମେଗା-୩ ଫ୍ୟାଟି ଏସିଡ୍ ସମେତ ଆହୁରି ଅନେକ ଗୁଣକାରୀ ପୋଷକ ତତ୍ତ୍ୱ। ସେଥିପାଇଁ ଅଖରୋଟ ଖାଇବା ଶରୀର ପକ୍ଷେ ଉପକାରୀ ହୋଇଥାଏ। ତେବେ ଏହାକୁ ଖାଇବାର ସଠିକ୍ ଶୈଳୀ ହେଉଛି, ରାତିସାରା ଏହାକୁ ପାଣିରେ ଭିଜେଇ ସକାଳୁ ଖାଲିପେଟରେ ଖାଇଲେ ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ। ଯେମିତିକି: ଡାଇବେଟିସ୍ ରୋଗୀ ପ୍ରତିଦିନ ଯଦି କିଛି ମାତ୍ରାରେ ଅଖରୋଟ ଖାଆନ୍ତି, ତା'ହେଲେ ତାଙ୍କର ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରହିଥାଏ। ଆଉ ଯଦି ଡାଇବେଟିସ୍ ନ ହୋଇଥିବା ରୋଗୀ ଏହାକୁ ଖାଆନ୍ତି, ତା'ହେଲେ ସେମାନଙ୍କଠାରେ ଭବିଷ୍ୟତରେ କେବେ ଟାଇପ୍-୨ ଡାଇବେଟିସ୍ ହେବାର ସମ୍ଭାବନା ମଧ୍ୟ ନଥାଏ। କୋଷ୍ଠକାଠିନ୍ୟ ସମସ୍ୟାରୁ ଉପଶମ ଦେବା ସହ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ବି ଏହା ସହାୟକ ହୋଇଥାଏ। କେବଳ ସେତିକି ନୁହେଁ ପ୍ରତିଦିନ ଗୋଟିଏରୁ ଦୁଇଟି ଅଖରୋଟ ଖାଇଲେ ଶରୀରର ଓଜନ ନିୟନ୍ତ୍ରଣରେ ରହିବା ସହ ରାତିରେ ନିଦ ମଧ୍ୟ ଭଲ ହୋଇଥାଏ। ଏହାଛଡ଼ା କୁହାଯାଏ, ନାରୀଟିଏ ଗର୍ଭବତୀ ଥିବା ସମୟରେ ନିୟମିତ କିଛି କିଛି ଅଖରୋଟ ଖାଇଲେ ଗର୍ଭରେ ଥିବା ଶିଶୁଟିର ମସ୍ତିଷ୍କ ବିକାଶରେ ଅନେକ ସହାୟକ ହୋଇଥାଏ।

# ପାଠକୀୟ

* ସବୁ ମଣିଷ ସମାନ। ହେଲେ କେବେ କାହାର ନିଆରା କର୍ମ ତ କେବେ କୌଣସି ନିଆରା ସଉକ ଜଣେ ବ୍ୟକ୍ତିଙ୍କୁ ଅନ୍ୟମାନଙ୍କଠୁ ଭିନ୍ନ କରିଥାଏ। ଆଉ ଏହି ଭିନ୍ନତା ହିଁ ତାଙ୍କୁ ଦେଇଥାଏ ଏକ ସ୍ୱତନ୍ତ୍ର ପରିଚୟ। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା 'ନିଆରା ମଣିଷ' ପ୍ରଚ୍ଛଦ ପ୍ରସଙ୍ଗଟି ଏକ ସୁନ୍ଦର ଆଲେଖ୍ୟ ଥିଲା। 'ଶୁଭ ଫଳ ପ୍ରଦାନକାରୀ ବାସ୍ତୁଟିପ୍ସ' ଏବଂ 'ସୁଖୀ ଜୀବନର ମନ୍ତ୍ର' ଆଦି ପାଠ ଦୁଇଟିରୁ ଅନେକ ଅଜଣା କଥା ଜାଣିହେଲା।

*–ବିଜୟ ଚୌଧୁରୀ, ମାଟିଆପଡ଼ା, ପୁରୀ*

* ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ନିଆରା ମଣିଷ' ଏକ ସୁନ୍ଦର ତଥା ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଫ୍ୟାଶନେବଲ୍ ରେନ୍‌କୋଟ୍' ସମ୍ପର୍କରେ ବହୁ ଦରକାରୀ କଥା ଜାଣି ଖୁସି ଲାଗିଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ଓଡ଼ିଶାର ପ୍ରଥମ ମହିଳା ସ୍ଥପତି କବିତା ମହାନ୍ତିଙ୍କ ସଂଘର୍ଷପୂର୍ଣ୍ଣ ଜୀବନି ପଢି ଖୁବ୍ ଦୁଃଖ ଲାଗିଲା। କିନ୍ତୁ ସୃଜନ ପୃଷ୍ଠାରେ ସ୍ଥାନିତ 'ନୀଳାଦ୍ରି ବିଜେ' ନାମକ ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା।

*–ସାଇପ୍ରଭା ଶତପଥୀ, ନୀଳକଣ୍ଠପୁର, ଯାଜପୁର*

* ଏଥରର ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ଲେଖକ ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟଙ୍କ ପ୍ରଥମ ରୋଜଗାର ସମ୍ପର୍କିତ ଅନୁଭୂତି ବି ପ୍ରେରଣାଦାୟୀ ଥିଲା। ସେହିପରି ଏବେ ସୋସିଆଲ୍ ମିଡିଆରେ ଧୂମ୍ ମଚାଇଥିବା ଏକ ଭଜନ 'ହର ହର ଶମ୍ଭୁ ଶିବ ମହାଦେବା'ର କଣ୍ଠଶିଳ୍ପୀ ଜୀତୁ ଶର୍ମା ଓ ଅଭିଲିପ୍ସା ପଣ୍ଡାଙ୍କ ଜୀବନି ବିଷୟରେ ଛୁଟିଦିନରୁ ଅନେକ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ଅନ୍ୟପକ୍ଷେ ଶ୍ୟାମ ପ୍ରକାଶଙ୍କ ନିଆରା ରୁଚିର ପାଠଟି ମଧ୍ୟ ବେଶ୍ ପ୍ରଶଂସାଯୋଗ୍ୟ ଥିଲା।

*–ଦିବ୍ୟାଂଶୀ ରାଉଳ, ସିଂହପୁର, ଯାଜପୁର*

* ମଡେଲ୍ ମିରର୍‌ରେ ଅର୍ପିତା ବେଶ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ କେତେକ ଲୋକପ୍ରିୟ ମନସୁନ୍ ଡେଷ୍ଟିନେଶନ ସମ୍ପର୍କରେ ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଛୋଟ ବଡି ବିଲ୍ଡର' ପାଠଟି ବି ବଢିଆ ଥିଲା। ସେହିପରି ଏଥରର କଥାଚାଟ୍ 'ଭାବରେ ଭାବରେ ପୁରୀ' ଏକ ଶିକ୍ଷଣୀୟ ବିଷୟ ଉପରେ ଆଧାରିତ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ହାଫ୍ ହ୍ୱିଲ ବାଇସାଇକେଲ୍', 'ବଡ଼ ପଗଡ଼ି' ଏବଂ 'ପ୍ୟାନ୍ କେକ୍ ଆର୍ଟ' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ମଧ୍ୟ ହୋଇଥିଲା।

*–ମୀନା କୁମାରୀ ସାହୁ, ନାଉଗାଁ, ଜଗତ୍‌ସିଂହପୁର*

## ବିଶେଷ ଚିଠି



ପ୍ରଚ୍ଛଦରେ ପଢିଲି ନିଆରା ମଣିଷ
ଭାରି ଭଲଥିଲା ଏହାର ବିନ୍ୟାସ।
ଫ୍ୟାଶନରେ ଥିଲା ରେନ୍‌କୋଟ୍ ବିଷୟରେ
ପଢି ଜାଣିଲି ଅନେକ କଥା ଏହା ସମ୍ପର୍କରେ।
ବ୍ୟକ୍ତିତ୍ୱରେ ଥିଲେ କବିତା ମହାନ୍ତି
ସେ ହେଲେ ଓଡ଼ିଶାର ପ୍ରଥମ ମହିଳା ସ୍ଥପତି।
ସାଥୀର ଉତ୍ତର ଥିଲା ଭାରି ଚମତ୍କାର
ତା'ସାଙ୍ଗକୁ ପୁଣି ଅନୁଭୂତି ପ୍ରଥମ ରୋଜଗାରର।
ଏହିପରି ନାନାଦି ରୂପରେ ତୁମେ ଆସିଥାଅ
ସଭିଙ୍କ ମନରେ ହେ ଛୁଟିଦିନ ଘର କରିଯାଅ।

*–ପ୍ରତୀକ୍ଷା ସ୍ୱାଇଁ,*
*ରସୁଲଗଡ଼, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଅଜବ ଖାଦ୍ୟାଭ୍ୟାସ







**ଶରୀର ପାଇଁ ଖାଦ୍ୟର ଆବଶ୍ୟକତା ଆଉ ସୁସ୍ଥ ଶରୀର ଲାଗି ସୁଷମ ଖାଦ୍ୟ। କିନ୍ତୁ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ବଞ୍ଚିବା ପାଇଁ ସୁଷମ ଖାଦ୍ୟ ବଦଳରେ ଜରି, ମାଟି, ଗୋଡ଼ି, ପ୍ଲାଷ୍ଟିକ୍ ଆଦିକୁ ବି ସାମିଲ କରିଛନ୍ତି ଖାଦ୍ୟରେ...**



ପ୍ରତ୍ୟେକ ବ୍ୟକ୍ତିଙ୍କର ଖାଦ୍ୟାଭ୍ୟାସ ପ୍ରତ୍ୟେକଙ୍କ ଠାରୁ କିଛିଟା ଅଲଗା। ଏହି ଭିନ୍ନତା ବିଭିନ୍ନ ରାଜ୍ୟ ତଥା ଦେଶ ଭିତରେ ଅଧିକା ଦେଖିବାକୁ ମିଳିଥାଏ। କିନ୍ତୁ ସବୁ ପରେ ବି ସମସ୍ତେ ସୁଷମ ତଥା ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି। ହେଲେ ଏମିତି ବି କିଛି ଅଜବ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଖାଦ୍ୟ ବଦଳରେ ଅଖାଦ୍ୟ ଖାଇବାକୁ ବେଶୀ ପସନ୍ଦ କରନ୍ତି। ଆଉ ଏହା କେବଳ ସେମାନେ ବେଳେବେଳେ ଖାଆନ୍ତି ନାହିଁ ବରଂ ଏହା ହିଁ ସେମାନଙ୍କର ଖାଦ୍ୟାଭ୍ୟାସ ଓ ଏମିତି ଖାଇ ହିଁ ସେମାନେ ବଞ୍ଚନ୍ତି। ଯେମିତିକି:

**ଇଟା, ପଥର ଖାଉଥିବା ବ୍ୟକ୍ତି :** କର୍ଣ୍ଣାଟକସ୍ଥିତ ଏକ ଗାଁର ବାସିନ୍ଦା ହେଲେ ପକ୍କିରପ୍ପା ହୁନାଗୁଣ୍ଡି। ସାଧାରଣ ବ୍ୟକ୍ତିଙ୍କ ପରି ଦେଖାଯାଉଥିଲେ ହେଁ ତାଙ୍କର ରହିଛି ଏକ ଅଜବ ଖାଦ୍ୟାଭ୍ୟାସ। ସେ ଇଟା, ପଥର, ଗୋଡ଼ି ଆଦି ଖାଇବାକୁ ଖୁବ୍ ଭଲ ପାଇଥାନ୍ତି। ତାଙ୍କୁ ଯେତେବେଳେ ମାତ୍ର ୧୦ ବର୍ଷ ବୟସ ହୋଇଥିଲା, ସେବେଠାରୁ ସେ ଏସବୁ ଖାଇବା ଆରମ୍ଭ କରିଥିଲେ। ତାଙ୍କର ଏଭଳି ଅଜବ ଖାଦ୍ୟାଭ୍ୟାସ ଦେଖି ଘର ଲୋକେ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଗଲେ। ବିଶେଷକରି ତାଙ୍କ ମା' ତାଙ୍କୁ ଏଥିରୁ ନିବୃତ କରିବାକୁ ବହୁତ ଚେଷ୍ଟା କରିଥିଲେ। ତାଙ୍କୁ ସିଏ ଯେତେ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ତିଆରି କରି ଖାଇବାକୁ ଦେଲେ ବି ପକ୍କିରପ୍ପା କିନ୍ତୁ ତାକୁ ନ ଖାଇ ଇଟା, ପଥର ଖାଇବାକୁ ଅଧିକ ପସନ୍ଦ କରୁଥିଲେ। ଏହା ତାଙ୍କର କ୍ରମେ ଅଭ୍ୟାସରେ ପରିଣତ ହୋଇଗଲା। ସେ ଏପରି ଭିନ୍ନ ଆଚରଣ କାହିଁକି କରୁଛନ୍ତି ତାହାର କାରଣ ଜାଣିବା ପାଇଁ ଯେତେବେଳେ ତାଙ୍କର ଡାକ୍ତରୀ ପରୀକ୍ଷା କରାଗଲା, ସେତେବେଳେ ଜଣାଗଲା ଯେ, ପକ୍କିରପ୍ପା ପିକା କଣ୍ଡିସନ୍ ନାମକ ଏକ ଇଟିଙ୍ଗ୍ ଡିଜ୍ଅର୍ଡର ରୋଗରେ ପୀଡିତ। ସାଧାରଣତଃ ଏହି ପିକା ରୋଗ ଖାଦ୍ୟପେୟ ସମ୍ବନ୍ଧିତ ଏକ ବିକାର ଅଟେ। ଏହି ରୋଗରେ ପୀଡିତ ଥିବା ବ୍ୟକ୍ତିଙ୍କର ନନ୍ ଫୁଡ୍ ଆଇଟମ୍ ବା ଅଖାଦ୍ୟ ଖାଇବାକୁ ତୀବ୍ର ଇଚ୍ଛା ହୋଇଥାଏ ; ଯାହାକି ପକ୍କିରପ୍ପାଙ୍କ କ୍ଷେତ୍ରରେ ଘଟିଥିଲା। ତେବେ ବୟସ ବଢିବା ସହ ପକ୍କିରପ୍ପାଙ୍କର ଇଟା, ପଥର, ଗୋଡି ଆଦି ଖାଇବାର ମାତ୍ରା ମଧ୍ୟ ବଢୁଥିଲା। ପକ୍କିରପ୍ପାଙ୍କୁ ଯେତେବେଳେ ୩୦ ବର୍ଷ ବୟସ ହୋଇଥିଲା, ସେତେବେଳକୁ ସିଏ ପ୍ରତ୍ୟେକ ଦିନ ପ୍ରାୟ ୩ କି.ଗ୍ରା ଓଜନର ଇଟା, ଗୋଡି, ପଥର ଆଦି ଆରାମରେ ଖାଇପାରୁଥିଲେ ; ସେ ପୁଣି ମାତ୍ର ଗୋଟିଏ ଗ୍ଲାସ୍ ପାଣିର ସହାୟତାରେ। ଖାସ୍ ଏହି କାରଣ ପାଇଁ ଚାରିଆଡ଼େ ପକ୍କିରପ୍ପାଙ୍କର ଖୁବ୍ ଚର୍ଚ୍ଚା ହେବାକୁ ଲାଗିଥିଲା, ଆଉ ତାଙ୍କର ଏହି ଅଜବ ଖାଦ୍ୟାଭ୍ୟାସକୁ ଦେଖିବା ପାଇଁ କ୍ରମେ ତାଙ୍କ ଗାଁରେ ଲୋକଙ୍କର ଖୁବ୍ ଭିଡ଼ ଜମିଥିଲା।

**ସାବୁନ, ସର୍ଫ ଖାଉଥିବା ଯୁବତୀ:** ଟେମ୍ପେଷ୍ଟ ହେଣ୍ଡରସନ୍। ଫ୍ଲୋରିଡାରେ ରହୁଥିବା ଏହି ଯୁବତୀ ସାବୁନ ଓ ସର୍ଫ ଖାଇବାକୁ ଖୁବ୍ ଭଲ ପାଆନ୍ତି। ସପ୍ତାହକୁ ଅତି କମ୍‌ରେ ୫ଟି ସାବୁନ ଓ କିଛି ୱାସିଂ ପାଉଡର ତାଙ୍କ ପାଇଁ ନିହାତି ଦରକାର ହୋଇଥାଏ। ଏ ନେଇ ଟେମ୍ପେଷ୍ଟ ଏକ ଗଣମାଧ୍ୟମ ସଂସ୍ଥାକୁ ସାକ୍ଷାତ୍‌କାର ଦେଇ କହିଥିଲେ ଯେ, 'ସେ ପିଲାଦିନେ ଥରେ ୱାସିଂ ପାଉଡରକୁ ହାତରେ ନେଇ ଚାଖିଥିଲେ, ତାହା ତାଙ୍କୁ ଟିକେ ଲୁଣିଆ ଲାଗିଥିଲା। କିନ୍ତୁ ଖାଇବାକୁ ତାହା ଭଲ ଲାଗୁଥିଲା। ସେହିପରି ବାଥ୍‌ରୁମ୍‌ରେ ଗାଧୋଇବା ସମୟରେ ସାବୁନକୁ ଫେଣ କରି ଉଡାଇବାବେଳେ ଥରେ ତାଙ୍କ ପାଟିରେ ଫେଣ ପସିଯାଇଥିଲା। ଫେଣର ସ୍ୱାଦ ବି ତାଙ୍କୁ ଭଲ ଲାଗିଥିଲା। ତା'ପରଠୁ ସେ କେତେବେଳେ କେମିତି ସାବୁନ ଟିକେ ହେଉ କି ସର୍ଫ ଟିକେ ହେଉ ଖାଇ ଦେଉଥିଲେ। କିନ୍ତୁ କଲେଜ ପଢା ସମୟରେ ଯେତେବେଳେ ତାଙ୍କ ପୁରୁଷ ବନ୍ଧୁ ତାଙ୍କୁ ଓ ତାଙ୍କ କଲେଜକୁ ଛାଡ଼ି ଅନ୍ୟତ୍ର ପଢିବାକୁ ଚାଲିଗଲେ, ତା'ପରେ ସିଏ ଡିପ୍ରେସନ୍‌କୁ ଚାଲିଗଲେ। ସେତେବେଳେ ଟିକେ ଟିକେ ସାବୁନ, ସର୍ଫ ଖାଇବାର ନିଶାଟା ତାଙ୍କର ଅଭ୍ୟାସରେ ପରିଣତ ହୋଇଗଲା। ଏକଥା ତାଙ୍କ ମା' ଜାଣିବା ପରେ ତାଙ୍କୁ ନେଇ ଡାକ୍ତରଙ୍କୁ ଦେଖାଇଲେ। ପରୀକ୍ଷାରୁ ଜଣାପଡିଲା ଯେ, ଟେମ୍ପେଷ୍ଟ ପିକା କଣ୍ଡିସନ୍ ନାମକ ଏକ ଇଟିଙ୍ଗ୍ ଡିଜ୍ଅର୍ଡର ରୋଗରେ ପୀଡିତ। କିନ୍ତୁ ଉକ୍ତ ଅଭ୍ୟାସକୁ ଯଦି ତୁରନ୍ତ ରୋକା ନଯାଏ, ତା'ହେଲେ

→





ଏହା ଟେମ୍ପେଷ୍ଟଙ୍କ ଜୀବନ ପ୍ରତି ବିପଦ ଟାଣି ଆଣିବ। ବାସ୍ ତା’ପରଠୁ ଟେମ୍ପେଷ୍ଟଙ୍କ ମା’ ଝିଅର ଏହିଅଭ୍ୟାସକୁ ଦୂର କରିବାକୁ ବହୁ ଚେଷ୍ଟା କରି ଅନେକାଂଶରେ ସଫଳ ହୋଇସାରିଥିବା ସୂଚନା ମିଳୁଛି।



**ସୋଫାର ସ୍ପଞ୍ଜ ଖାଉଥିବା ଯୁବତୀ:** ଫ୍ଲୋରିଡାର ଜଣେ ଯୁବତୀ, ଯାହାଙ୍କ ନାଁ ହେଉଛି ଆଡେଲେ ଏଡ୍‌ୱାର୍ଡ୍ସ। ଆଡେଲେଙ୍କର ଏକ ଅଜବ ଖାଦ୍ୟାଭ୍ୟାସ ରହିଛି। ସେ ସୋଫା ତଥା କୁସନ୍ ଭିତରେ ରହୁଥିବା ସ୍ପଞ୍ଜ ଖାଇବାକୁ ଭାରୀ ଭଲ ପାଇଥାନ୍ତି। ତାଙ୍କର ଏହି ଅଭ୍ୟାସ ୧୦ ବର୍ଷ ବୟସରୁ ଆରମ୍ଭ ହୋଇଛି, ତାହା ପୁଣି ଅବସାଦରେ ରହିବା କାରଣରୁ। ସେ ସମୟରେ ତାଙ୍କ ବାପା, ମା’ଙ୍କ ଭିତରେ ଛାଡପତ୍ର ହେବାକୁ ନେଇ ଘରେ ଖୁବ୍ ପାଟିତୁଣ୍ଡ ଲାଗିଥିଲା। ସେସବୁକୁ ଦେଖି ଆଡେଲେ ଖୁବ୍ ଚିନ୍ତାଗ୍ରସ୍ତ ହୋଇପଡିଥିଲେ। ସବୁବେଳେ ଅନ୍ୟମନସ୍କ ରହୁଥିଲେ। ଏତିକିବେଳେ ତାଙ୍କର ଜଣେ ସମ୍ପର୍କୀୟ ଭାଇ ଏମିତି ଖୁସିରେ ଖୁସିରେ ଘରେ ପଡିଥିବା ଚିରା ସୋଫାର ଏକ ଛୋଟ ସ୍ପଞ୍ଜକୁ ପାଟିରେ ପୂରେଇ ଆଡେଲେଙ୍କ ସହ କଥା ହେଉଥିଲେ। ତାଙ୍କୁ ଦେଖି ଆଡେଲେ ମଧ୍ୟ ସ୍ପଞ୍ଜକୁ ପାଟିରେ ପୂରେଇ ଚୋବେଇବାକୁ ଲାଗିଲେ। ବାସ୍ ତା’ପରଠୁ ତାହା ତାଙ୍କର ଅଭ୍ୟାସରେ ପରିଣତ ହୋଇଗଲା। ଅବଶ୍ୟ ଏଥିପାଇଁ ମଝିରେ ତାଙ୍କର ଦେହ ମଧ୍ୟ ଖରାପ ହୋଇଥିଲା। କିନ୍ତୁ ତା’ସତ୍ତ୍ୱେ ବି ସେ ଏହି ଅଭ୍ୟାସରୁ ନିଜକୁ ଦୂରେଇ ରଖିପାରୁ ନାହାନ୍ତି।

**ଟଏଲେଟ୍ ପେପର୍ ଖାଉଥିବା ଯୁବତୀ:** କେଶା ନାମ୍ନୀ ଜଣେ ଯୁବତୀଙ୍କର ରହିଛି ଏକ ଅଜବ ଖାଦ୍ୟ ରୁଚି। ଟଏଲେଟ୍ ପେପର୍ ଖାଇବା ତାଙ୍କର ଖୁବ୍ ପସନ୍ଦ। ଏହି ଅଭ୍ୟାସ ତାଙ୍କର ଷଷ୍ଠ ଶ୍ରେଣୀରେ ପଢିବା ବେଳୁ ଆରମ୍ଭ ହୋଇଥିବା କେଶା କୁହନ୍ତି। ଥରେ ଟଏଲେଟ୍ ପେପର୍‌ର ଏକ ଛୋଟ ଟୁକୁଡା ସେ ଭୁଲରେ ହାତରେ ଧରୁ ଧରୁ ପାଟିରେ ପୁରେଇ ଦେଇଥିଲେ। କିନ୍ତୁ ପେପର୍‌ର ସେହି ଛୋଟ ଟୁକୁଡା ବି ତାଙ୍କୁ ଭାରି ଭଲ ଲାଗିଥିଲା। ବାସ୍ ସେବେଠାରୁ ସେ ଲୁଚେଇ ଲୁଚେଇ ଟଏଲେଟ୍ ପେପର୍ ଖାଇବା ଆରମ୍ଭ କରି ଦେଇଥିଲେ। କ୍ରମେ ତାହା ତାଙ୍କର ଅଭ୍ୟାସରେ ପରିଣତ ହୋଇଯାଇଥିଲା। ସମୟ ଏମିତି ଆସିଲା ଯେ, ସେ ଦିନକୁ ଗୋଟିଏ ଟଏଲେଟ୍ ପେପର୍ ରୋଲ୍‌ର ଅଧାରୁ ଅଧିକ ଖାଇ ଦେଉଥିଲେ। ଆଉ ଏକଥା ଯେତେବେଳେ ଲୋକଲୋଚନକୁ ଆସିଲା ସେତେବେଳେ ତାଙ୍କର ଖୁବ୍ ଚର୍ଚ୍ଚା ହୋଇଥିଲା।

**ପଲିଥିନ୍ ଖାଇବାରେ ରୁଚି:** ପ୍ଲାଷ୍ଟିକ୍‌ର ବ୍ୟବହାର ପରିବେଶ ପାଇଁ ଯେତିକି କ୍ଷତିକାରକ ଆମ ଶରୀର ପାଇଁ ମଧ୍ୟ ସେତିକି ହାନିକାରକ। ସେଥିପାଇଁ ସରକାରଙ୍କ ତରଫରୁ ବାରମ୍ବାର ପ୍ଲାଷ୍ଟିକ୍ ବ୍ୟାନ୍‌କୁ ନେଇ ଚେତାବନୀ ଦିଆଯାଉଛି। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଓକ୍‌ଲ୍ୟାଣ୍ଡରେ ରୋବର୍ଟ ନାମକ ଏମିତି ଜଣେ ୨୫ ବର୍ଷୀୟ ଯୁବକ ଅଛନ୍ତି, ଯାହାଙ୍କର ପଲିଥିନ୍ ଖାଇବା ହେଉଛି ଏକ ପ୍ରକାରର ରୁଚି। ତାଙ୍କୁ ଯେତେବେଳେ ମାତ୍ର ୭ ବର୍ଷ ବୟସ ହୋଇଥିଲା, ସେବେଠାରୁ ସିଏ ଛୋଟ ଛୋଟ ପଲିଥିନ୍ ଖାଇବା ଆରମ୍ଭ କରିଥିଲେ। ସୂଚନାନୁଯାୟୀ, ୟା’ ଭିତରେ ସିଏ ଗୁଆଡ଼େ ପ୍ରାୟ ୬୦ ହଜାରଟି ପଲିଥିନ୍ ଖାଇସାରିଥିବା ଶୁଣିବାକୁ ମିଳୁଛି। ଏକ ସାକ୍ଷାତ୍‌କାରରେ ରୋବର୍ଟ କହିଥିଲେ ଯେ, ତାଙ୍କୁ ବିଭିନ୍ନ ରଙ୍ଗର ପଲିଥିନ୍ ଖାଇବାକୁ ଭାରି ଭଲ ଲାଗେ। କାରଣ ରଙ୍ଗ ଅନୁଯାୟୀ, ପଲିଥିନ୍‌ର ସ୍ୱାଦ ବଦଳିଥାଏ। ଖାସ୍ କରି ନୀଳ ରଙ୍ଗର ପଲିଥିନ୍ ଖାଇବା ତାଙ୍କର ଖୁବ୍ ପସନ୍ଦ। ତେବେ ରୋବର୍ଟଙ୍କର ପ୍ରେମିକା ତଥା ପତ୍ନୀ ଆଶଲେ ୟା’ ଭିତରେ ତାଙ୍କୁ ଅନେକ ଥର ପଲିଥିନ୍ ନ ଖାଇବା ପାଇଁ ବାରଣ କରିସାରିଲେଣି। କିନ୍ତୁ ଯେତେ ଚେଷ୍ଟା କଲେ ବି ରୋବର୍ଟ ଏ ଅଭ୍ୟାସ ପୂରା ଛାଡି ପାରୁ ନାହାନ୍ତି। ଅବଶ୍ୟ ପତ୍ନୀଙ୍କୁ ଖୁସି କରିବା ପାଇଁ ପଲିଥିନ୍ ଖାଇବାର ପରିମାଣ ସେ କିଛି ମାତ୍ରାରେ କମାଇ ଦେଇଛନ୍ତି।

**ମାଟିର ବିସ୍କୁଟ ଖାଉଥିବା ଲୋକ:** ଅଭାବ ଭିତରେ ରହି ଭୋକର ଜ୍ୱାଳାକୁ ସହି ନ ପାରିଲେ ମଣିଷ ଦରକାର ପଡିଲେ କିଛି ବି ଖାଇଦେଇଥାଏ। ଏଇ ଯେମିତି କଥା ହାଇତିର। ସୂଚନାନୁଯାୟୀ, ଏଠାକାର ଲୋକେ ଖୁବ୍ ଗରିବ ଶ୍ରେଣୀର। ସେମାନଙ୍କ ପାଖରେ ନା ପଇସା ଅଛି ନା ଖାଇବା ପାଇଁ କିଛି ଅଛି। ଫଳ, କ୍ଷୀର, ତଥା ପୁଷ୍ଟିକର ଖାଦ୍ୟ ସତେ ଯେମିତି ସେମାନଙ୍କ ପାଇଁ ସାତ ସପନ। ତଥାପି ନିଜ ଭୋକର ଜ୍ୱାଳାକୁ ସହିବା ପାଇଁ ତଥା ଜୀବନ ଜିଇଁବା ପାଇଁ ଏମାନେ ବାଧ୍ୟ ହୋଇ ମାଟିରେ ତିଆରି ଏକ ସ୍ୱତନ୍ତ୍ର ପ୍ରକାରର ବିସ୍କୁଟ୍ ଖାଇବାକୁ ବାଧ୍ୟ ହୋଇଥାନ୍ତି। ଯଦ୍ୱାରା ସେମାନେ ଅନେକ ସମୟରେ ରୋଗାଗ୍ରସ୍ତ ମଧ୍ୟ ହୋଇଥାନ୍ତି। କିନ୍ତୁ ସେମାନଙ୍କ ପାଖରେ ଏହାଛଡ଼ା ଆଉ କିଛି ଚାରା ହିଁ ନାହିଁ।

**ଘୁଷୁରି ରକ୍ତ ପିଉଥିବା ମହିଳା:** ମିଚେଲେ ହେଉଛନ୍ତି ପେଶାରେ ଜଣେ ଟାଟୁ ଆର୍ଟିଷ୍ଟ। କିନ୍ତୁ ତାଙ୍କର ରହିଛି ଏକ ଅଜବ ରୁଚି। ଘୁଷୁରି ରକ୍ତ ପିଇବା ତାଙ୍କର ଏକ ଅଜବ ଅଭ୍ୟାସ। ଏ ନେଇ ଏକ ଗଣମାଧ୍ୟମ ସଂସ୍ଥାକୁ ସାକ୍ଷାତ୍‌କାର ଦେଇ ମିଚେଲେ କହିଛନ୍ତି ଯେ, ତାଙ୍କର ଏ ଅଭ୍ୟାସ ଆଜକୁ ବହୁତ ଦିନ ହେଲାଣି ଆରମ୍ଭ ହୋଇଗଲାଣି। ଖାସ୍ କରି ଘୁଷୁରି ରକ୍ତ ପିଇବାକୁ ମୋତେ ବହୁତ ଭଲ ଲାଗେ। ଏହା ମୋତେ ଶକ୍ତି ଯୋଗାଇଥାଏ, ଫୂର୍ତ୍ତି ରଖିଥାଏ। ସେଥିପାଇଁ ମୁଁ ଏହାକୁ ନିୟମିତ ବ୍ୟବଧାନରେ ପିଇଥାଏ। କେବଳ ଘୁଷୁରି ରକ୍ତ ପିଏନାହିଁ, ଏଥିରେ ଅନେକ ପ୍ରକାରର ଡିସ୍ କରିକି ବି ମୁଁ ଖାଇଥାଏ। ତେବେ ସେ ଯାହା ବି ହେଉ ମିଚେଲେଙ୍କର ଏହି ଅଜବ ଅଭ୍ୟାସ ପାଇଁ ତାଙ୍କୁ ଏବେ ଅନେକେ ଭାମ୍ପାୟାର୍ ଲେଡି ବୋଲି କହୁଥିବା ଶୁଣିବାକୁ ମିଳୁଛି।

**କେବଳ ଚା’ ପିଇ ବଞ୍ଚୁଥିବା ମହିଳା:** ଚା’ ପିଇବାର ଅଭ୍ୟାସ ଅନେକଙ୍କର ଥାଏ। କିଏ ଦିନକୁ ଗୋଟେ କପ୍ ତ ଆଉ କିଏ ଦୁଇ/ତିନି କପ୍। ହେଲେ ତା’ସହିତ ସେମାନେ ଅନ୍ୟାନ୍ୟ ଖାଦ୍ୟ ମଧ୍ୟ ଖାଇଥାନ୍ତି। କାରଣ ସୁସ୍ଥ ଶରୀର ପାଇଁ ଯେଉଁ ପୋଷକ ତତ୍ତ୍ୱ ଆବଶ୍ୟକ ତାହା କେବଳ ଚା’ ପିଇଲେ ମିଳିବ ନାହିଁ। ଏଥିପାଇଁ ବିଭିନ୍ନ ପ୍ରକାରର ପ୍ରୋଟିନଯୁକ୍ତ ଖାଦ୍ୟ ଖାଇବା ନିହାତି ଜରୁରୀ। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଛତିଶଗଡ଼ର କୋରିୟା ଜିଲା ଅନ୍ତର୍ଗତ ବରଦିୟା ଗାଁରେ ରହୁଥିବା ପିଲ୍ଲୀ ଦେବୀ ନାମ୍ନୀ ଜଣେ ମହିଳା ଆଜକୁ ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ କେବଳ ଚା’ ପିଇ ବଞ୍ଚିଛନ୍ତି; ସେ ପୁଣି ସମ୍ପୂର୍ଣ୍ଣ ସୁସ୍ଥ ଅବସ୍ଥାରେ। ଏ ନେଇ ତାଙ୍କର ପିତା ଏକ ଗଣମାଧ୍ୟମ ସଂସ୍ଥାକୁ ସାକ୍ଷାତ୍‌କାର ଦେଇ କହିଛନ୍ତି ଯେ, ପିଲ୍ଲୀଙ୍କୁ ଯେତେବେଳେ ମାତ୍ର ୧୧ ବର୍ଷ ବୟସ ହୋଇଥିଲା, ସେ ଜିଲା ସ୍ତରୀୟ ଏକ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବା ପାଇଁ କୋରିୟା ଜିଲା ଅନ୍ତର୍ଗତ ଜନକପୁର ନାମକ ଏକ ସ୍ଥାନକୁ ଯାଇଥିଲେ। ସେଠାରୁ ଫେରିବା ପରେ ପିଲ୍ଲୀଙ୍କଠାରେ ଏକ ଭିନ୍ନ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ସେ ନା କିଛି ଖାଇବାକୁ ଇଚ୍ଛା କରୁଥିଲେ ନା କିଛି ପିଇବାକୁ ଆଗ୍ରହ କରୁଥିଲେ। ଅତି ବାଧ୍ୟ କଲେ କେବଳ ଚା’ ପିଇବାକୁ କହୁଥିଲେ। ଅବଶ୍ୟ ଚା’ ପିଇବାର ଅଭ୍ୟାସ ତାଙ୍କର ପୂର୍ବରୁ ଥିଲା। କ୍ଷୀର ଚା’ ସହ ବିସ୍କୁଟ କିମ୍ବା ପାଉଁରୁଟି ଖାଇବାକୁ ସେ ପସନ୍ଦ କରୁଥିଲେ। କିନ୍ତୁ ପ୍ରତିଯୋଗିତାରୁ ଫେରିବା ପରେ ସେ ଆଉ କ୍ଷୀର ଚା’ ନ ପିଇ ନାଲି ଚା’ ପିଇବାକୁ ପସନ୍ଦ କଲେ। କେବଳ ନାଲି ଚା’, ସେ ପୁଣି ଦିନକୁ ଥରେ ସନ୍ଧ୍ୟାବେଳେ। ଏହା କ୍ରମେ ତାଙ୍କର ଅଭ୍ୟାସରେ ପରିଣତ ହୋଇଗଲା। ଝିଅ କିଛି ନ ଖାଇ ନ ପିଇ କେବଳ ଚା’ ପିଇ କେମିତି ବଞ୍ଚିବ ସେ କଥା ଘର ଲୋକଙ୍କୁ ବହୁତ କଷ୍ଟ ଦେଉଥିଲା। ତେଣୁ ସେମାନେ ପିଲ୍ଲୀଙ୍କୁ ନେଇ ଅନେକ ଡାକ୍ତରଙ୍କୁ ଦେଖାଇଲେ। କିନ୍ତୁ ଡାକ୍ତରମାନେ ବି ଏହା ପଛରେ କ’ଣ କାରଣ ରହିଛି ତାହା ସଠିକ୍ ଭାବେ ଜାଣିପାରିଲେ ନାହିଁ। ବରଂ କେବଳ ଚା’ ପିଇ ପିଲ୍ଲୀ ଏତେ ସୁସ୍ଥ କେମିତି ଅଛନ୍ତି ସେକଥାକୁ ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ। ଏହା ଭିତରେ ଅନେକ ବର୍ଷ ବିତିଗଲାଣି। ପିଲ୍ଲୀଙ୍କର ବୟସ ମଧ୍ୟ ବହୁତ ହୋଇଗଲାଣି। ଆଉ ଏହି ଚା’ ପିଇବାର ଅଭ୍ୟାସ ଯୋଗୁ ସେ ତାଙ୍କ ଅଞ୍ଚଳରେ ଏବେ ‘ଚାଏ ୱାଲି ଚାଚୀ’ ନାମରେ ଖୁବ୍ ପରିଚିତା।

**–ଅନ୍ୱିତା**











ହାରୋଡ୍‌ସ ରୋକଫୋର୍ଟ ଆଣ୍ଡ ଆଲମଣ୍ଡ ସୋର୍‌ଡୋ ବ୍ରେଡ

# ଦାମୀ ବ୍ରେଡ



**ବ୍ରେଡ୍ ବା ପାଉଁରୁଟି ପ୍ରାୟ ସମସ୍ତେ ଖାଇଥିବେ। କିଏ ଏହାକୁ ସାଣ୍ଡୱିଚ କରି ଖାଆନ୍ତି ତ କିଏ ଟୋଷ୍ଟ କରି ଖାଆନ୍ତି। ତେବେ ଏମିତିବି କିଛି ବ୍ରେଡ୍ ଅଛି ଯାହାକୁ ସାଧାରଣ ଲୋକ ନିଜର ଦୈନନ୍ଦିନ ଜୀବନରେ ଖାଇବା ଅସମ୍ଭବ। କାରଣ ଏସବୁର ମୂଲ୍ୟ ଖୁବ୍ ବେଶି...**

**ଦି ଗୋଲ୍ଡ ଲିଫ୍ ବ୍ରେଡ:** ପୃଥିବୀର ସବୁଠାରୁ ଦାମୀ ବ୍ରେଡ ହେଉଛି ଗୋଲ୍ଡ ଲିଫ୍ ବ୍ରେଡ। ଏହାର ମୂଲ୍ୟ ୧୨୦.୭୩ ଡଲାର। ସ୍ପେନ, ଆଣ୍ଡାଲୁସିଆର ବେକର୍ ମୋରେନୋ ଏହାକୁ ତିଆରି କରିଛନ୍ତି। ୭୦ ବର୍ଷର ତାଙ୍କର ଏହି ଫ୍ୟାମିଲି ବେକେରୀରେ ସେମାନେ ୫୦ ଭିନ୍ନ ଭିନ୍ନ ପ୍ରକାରର ବ୍ରେଡ ତିଆରି କରିଛନ୍ତି। ତେବେ ଏହି ଗୋଲ୍ଡ ଲିଫ୍ ବ୍ରେଡରେ ମୋରେନୋ ୨୫୦ ମି.ଗ୍ରା. ର ଗୋଲ୍ଡ ଡଷ୍ଟ ବ୍ୟବହାର କରିଛନ୍ତି, ଯାହା ଉକ୍ତ ବ୍ରେଡକୁ ସ୍ୱତନ୍ତ୍ର କରେ।

**ଦ ରୟାଲ ବ୍ଲୁମର:** ରବର୍ଟ ଡିଡିୟର ପ୍ରସ୍ତୁତ କରିଥିବା ଏହି ବ୍ରେଡର ମୂଲ୍ୟ ୯୭.୩୪ ଡଲାର। ନର୍ଥ ୱେଲ୍ସର ରେକ୍ସହାମସ୍ଥ ତାଙ୍କର ଅର୍କାଡ ପିଗ୍ ବେକେରୀରେ ସେ ଏହାକୁ ତିଆରି କରିଥିଲେ। ଏଥିରେ ସେ ୨୩ କ୍ୟାରେଟ୍‌ର ଏଡିବଲ୍ ଗୋଲ୍ଡର ବ୍ୟବହାର କରିଛନ୍ତି। ତା'ଛଡା ପାଣିର ବ୍ୟବହାର ନ କରି ସେ ଏହି ବଡ ଆକାରର ବ୍ରେଡ୍ ପ୍ରସ୍ତୁତିରେ କିଛି ସାମ୍ପେନ୍ ଓ ଏକ ବୋତଲ ଚାର୍ଲସ ଡି କାସାନୋଭା ବ୍ୟବହାର କରିଛନ୍ତି, ଯାହାକି ଏହାର ସ୍ୱାଦ ବଢାଇଥାଏ। ଗାର୍ନିଶିଂ ପାଇଁ ସେ ରେଡ ଗୋଲ୍ଡର ବ୍ୟବହାର କରିଛନ୍ତି।

**ଦି ସେଫର୍ଡ ଲୋଫ:** ଏହାର ମୂଲ୍ୟ ୨୫ ଡଲାର। ବ୍ରିଟେନ୍‌ର ଏହା ଦାମୀ ବ୍ରେଡ ଭାବେ ଜଣାଶୁଣା। ଟମ୍ ହର୍ବର୍ଟ ଏହାକୁ ପ୍ରସ୍ତୁତ କରିଥିଲେ। ୫୫ ବର୍ଷର ପୁରୁଣା ରେସିପି ଯେଉଁଥିରେ ଅର୍ଗାନିକ ସେମାରସେଟ ସ୍ପେଲ୍ଟ ଫ୍ଲୋର, କଟ୍‌ସଓଲ୍ଡସ୍ ସ୍ପ୍ରିଙ୍ଗ ୱାଟର, କୋର୍ନିସ୍ ସି ସଲ୍ଟ ଆଦି ବ୍ୟବହାର କରାଯାଇଛି।

**ହାରୋଡ୍‌ସ ରୋକଫୋର୍ଟ ଆଣ୍ଡ ଆଲମଣ୍ଡ ସୋର୍‌ଡୋ ବ୍ରେଡ:** ଲଣ୍ଡନର ହାରୋଡ୍‌ସ ପ୍ରିମିୟର ଡିପାର୍ଟମେଣ୍ଟ ଷ୍ଟୋରରେ ବିକ୍ରି ହୁଏ ଏହି ବ୍ରେଡ୍। ଏହାର ମୂଲ୍ୟ ୨୪.୫୦ ଡଲାର। ମାଷ୍ଟର ବେକର୍ ପଲ୍ ହଲିଉଡ ଏହାକୁ ତିଆରି କରିଛନ୍ତି। ଏଥିରେ ସବୁଠୁ ଭଲ କ୍ୱାଲିଟିର ମଇଦାର ବ୍ୟବହାର ହୋଇଛି। ସବୁଠୁ ବଡ଼ କଥା ଉକ୍ତ ବ୍ରେଡ୍‌ରେ କୌଣସି ପ୍ରକାରର କୃତ୍ରିମ ଫ୍ଲେଭର ବ୍ୟବହାର କରାଯାଇ ନାହିଁ।

**ରଗବ୍ରୋଡ:** ରେୟ ଫ୍ଲୋର୍(ଅଟା)ରେ ତିଆରି ଏହି ବ୍ରେଡ୍‌ରେ କଖାରୁ ମଞ୍ଜି, ଅଳସୀ, ସୂର୍ଯ୍ୟମୁଖୀ ଫୁଲର ମଞ୍ଜି ବ୍ୟବହାର କରାଯାଇଛି। ବ୍ରାଉନ କଲର, ଆୟାତାକାରର ଉକ୍ତ ବ୍ରେଡ୍‌ର ମୂଲ୍ୟ ୮ ଡଲାର। ଏହା ଡେନ୍‌ମାର୍କର ପାରମ୍ପରିକ ବ୍ରେଡ।

**ମିସେ ବ୍ରେଡ:** ନ୍ୟୁୟର୍କରେ ମିଳେ ଏହି ଖାସ୍ ବ୍ରେଡ। ଏହା ଏଠାକାର ସବୁଠୁ ଦାମୀ ବ୍ରେଡ। ଏହାର ମୂଲ୍ୟ ପାଉଣ୍ଡ ପିଛା ୨୦ ଡଲାର। ଅର୍ଗାନିକ ଫ୍ଲୋରରେ ତିଆରି ଏହି ବ୍ରେଡର ସ୍ୱାଦ ବହୁତ ଭଲ। ଏଥିରେ ଫ୍ଲୋର୍‌କୁ ଏକ ଲମ୍ବା ପ୍ରୋସେସ୍‌ର ଫରମେଣ୍ଟେସନ୍ କରାଯାଇଥାଏ, ଯାହାକି ବ୍ରେଡକୁ ୟୁନିକ ଫ୍ଲେଭର୍ ଦେଇଥାଏ।



ମିସେ ବ୍ରେଡ



ଦି ସେଫର୍ଡ ଲୋଫ





ରଗବ୍ରୋଡ ବ୍ରେଡ



ଦ ରୟାଲ ବ୍ଲୁମର



ଦି ଗୋଲ୍ଡ ଲିଫ୍ ବ୍ରେଡ



ଦି ଗୋଲ୍ଡ ଲିଫ୍ ବ୍ରେଡ



# ଅଭିନୟ ନିଶାରେ ପୂର୍ଣ୍ଣେନ୍ଦୁ

**ଦୀର୍ଘ ୫ ଦଶନ୍ଧି ଧରି ବିଭିନ୍ନ ମଞ୍ଚନାଟକ, ଦୂରଦର୍ଶନ ଧାରାବାହିକ ଓ ସିନେମାରେ ସେ ଅଭିନୟ କରିଛନ୍ତି। ଏକାଧିକ ନାଟକରେ ନିର୍ଦ୍ଦେଶନା ମଧ୍ୟ ଦେଇସାରିଛନ୍ତି। ନାଟ୍ୟକଳାକୁ ନେଇ ସେ କେବଳ ସ୍ୱପ୍ନ ଦେଖନ୍ତିନି ତାକୁ ନେଇ ନିଜର ଏକ ନିଆରା ପରିଚୟ ବି ସୃଷ୍ଟି କରିଛନ୍ତି..**

ଦୀର୍ଘ ୫ ଦଶନ୍ଧି ଧରି ବିଭିନ୍ନ ମଞ୍ଚନାଟକ, ଦୂରଦର୍ଶନ ଧାରାବାହିକ ଓ ସିନେମାରେ ସେ ଅଭିନୟ କରିଛନ୍ତି। ଏକାଧିକ ନାଟକରେ ନିର୍ଦ୍ଦେଶନା ମଧ୍ୟ ଦେଇସାରିଛନ୍ତି। ନାଟ୍ୟକଳାକୁ ନେଇ ତାଙ୍କର ଅନେକ ସ୍ୱପ୍ନ। ଏଥିଯୋଗୁ ଅଭିନୟ କ୍ଷେତ୍ରରେ ତାଙ୍କର ରହିଛି ଭିନ୍ନ ପରିଚୟ। କେବେ ପୋଲିସ ଅଫିସର ତ ପୁଣି କେବେ ଗୁଣ୍ଡା, ଓକିଲ, ଡାକ୍ତର, ସାମାଜିକକର୍ମୀ, ପୂଜାରୀ, ଗାଁ ମୁଖିଆ, ଚାକର, ରାଜା, ମହାମନ୍ତ୍ରୀ, ବାପା ଆଦି ଅନେକ ଚରିତ୍ରରେ ନିଖୁଣ ଅଭିନୟ କରି ସେ ଲୋକପ୍ରିୟତା ହାସଲ କରିପାରିଛନ୍ତି। ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର। ସେ ହେଲେ ପୂର୍ଣ୍ଣେନ୍ଦୁ ଦତ୍ତ। ପିତା ବଂଶୀଧର ଦତ୍ତ ଏବଂ ମା' ଶକୁନ୍ତଳା ଦତ୍ତ। ଘର କେନ୍ଦୁଝର ଜିଲାର ଆନନ୍ଦପୁରରେ। ସେ କୁହନ୍ତି, ମୋ ବାପା ଓ ଜେଜେ ଥିଲେ ଜଣେ ଜଣେ କଳାକାର। ସେମାନେ ନାଟ୍ୟକଳାକୁ ଖୁବ୍ ଭଲ ପାଉଥିଲେ। ତେବେ ପିଲାଟିଦିନରୁ ମୋର ଏହି କଳା ପ୍ରତି ଆପେ ଆପେ ଆଗ୍ରହ ବଢ଼ିଥିଲା। ଗାଁର ସାଙ୍ଗମାନେ ମିଶି ଘରୁ ଶାଢ଼ି ନେଇ ବିଭିନ୍ନ ସମୟରେ ଗୀତିନାଟ୍ୟରେ ଅଭିନୟ କରୁଥିଲୁ। ଯେତେବେଳେ ବି.ଏନ୍ ହାଇସ୍କୁଲରେ ୬ଷ୍ଠ ଶ୍ରେଣୀରେ ପଢୁଥିଲି ସେହି ସମୟରେ ସ୍କୁଲ ବାର୍ଷିକ ଉତ୍ସବ ପାଇଁ ଆୟୋଜିତ ଡ୍ରାମାରେ ବୈଷ୍ଣବ ଚରଣ ପାଣିଙ୍କ ରଚିତ 'ପ୍ରହଲ୍ଲାଦ' ଗୀତିନାଟ୍ୟରେ ପ୍ରଥମେ ଦୁଆରୀ ଭୂମିକାରେ ଅଭିନୟ କରିଥିଲି। ମୋ ଅଭିନୟଟି ଦର୍ଶକଙ୍କୁ ଖୁବ୍ ଭଲ ଲାଗିଥିଲା। ସେବେଠାରୁ ଆଉ ପଛକୁ ଫେରିନାହିଁ। ୧୯୭୭ ମସିହାରେ ୧୦ମ ପରୀକ୍ଷା ଦେଇସାରିଥାଏ। କିନ୍ତୁ ସ୍କୁଲ ସଞ୍ଚୟ ଖାତାରେ ରଖିଥିବା ପ୍ରାୟ ୨ହଜାର ଟଙ୍କା ନେଇ ସେତେବେଳେ ଘରୁ ଲୁଚିକରି ବମ୍ବେ ପଳାଇଥିଲି। ସେଠାରେ ପଦ୍ମା ଖାନ୍ନାଙ୍କ ସମେତ ଅନ୍ୟକେତେଜଣ ସିନେକଳାକାରଙ୍କ ସହ ଦେଖାହୋଇଥିଲା। ଆଶିଷ ବୋଷ ଯେକି (ଜୟ ସନ୍ତୋଷୀ ମା'ର ହିରୋ) ଙ୍କୁ ଦେଖାକରି ମୋର ସିନେମା ପ୍ରତି ଆଗ୍ରହ ଥିବାର ଜଣାଇଥିଲି। ହେଲେ ସେ କହିଲେ ତମେ ଛୋଟ ପିଲା, ଏବେ ପାଠପଢ଼ା ପ୍ରତି ମନ ବଳାଅ ତା'ପରେ ସିନେମା କଥା ଦେଖିବା ବୋଲି ବୁଝାଇଥିଲେ। ମାତ୍ର ଯେମିତି ହେଲେ ଅଭିନୟ କରିବି ବୋଲି ଜିଦ ଧରିଥିଲି। ତା'ପରେ ତାଙ୍କ ସହ ବସନ୍ତ ଷ୍ଟୁଡିଓ ଚେମ୍ବୁରକୁ ଯିବାପରେ ଗଙ୍ଗାସାଗର ସିନେମାରେ ଏକ ଛୋଟ ଅଭିନୟର ସୁଯୋଗ ମିଳିଥିଲା। ଏଥିରେ ଖୁସି ହୋଇପଡ଼ିଥିଲି। ସିନେମାରେ ଅଭିନୟ କରିବାକୁ ବମ୍ବେ ଯାଇଥାଏ । ସେଠାରେ ପଞ୍ଜାବୀ, ଜାଠ, ହରିୟାଣା ପିଲାଙ୍କ ଶରୀର ଦେଖି ଆଶ୍ଚର୍ଯ୍ୟ ହୋଇପଡୁଥିଲି। କାରଣ ସେମାନଙ୍କ ତୁଳନାରେ ମୋର ସେତେବେଳେ ସେପରି ଚେହେରା ହୋଇ ନ ଥାଏ। ତଥାପି ସତଚେଷ୍ଟା କରି କେତେକ ସିରିଏଲ ଏବଂ ସିନେମାରେ ଅଭିନୟ







କରିବାର ସୁଯୋଗ ମିଳିଥିଲା। ଆଉ କେତେକ ସିନେମାରେ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରିଛି। ବମ୍ବେରେ କେତେକ ନୂଆ ନୂଆ ସିରିଏଲରେ ଅଭିନୟ କରିଥିଲି ଯଥା– ଡିଡି ମେଟ୍ରୋରେ ଅଧିକାର, ରୁଲ୍ ସହ ଏନଏଫ୍‌ଡିସିର କେତେକ ସିନେମା କରିଛି। ତା'ପରେ ସଙ୍ଗୀତ ମହାବିଦ୍ୟାଳୟରେ ପଢ଼ିବା ପାଇଁ ମୋତେ ରତିରଞ୍ଜନ ମିଶ୍ରଙ୍କଠାରୁ ପ୍ରେରଣା ମିଳିଥିଲା। କିନ୍ତୁ ସଙ୍ଗୀତ ମହାବିଦ୍ୟାଳୟରେ ପଢ଼ିବା ବେଳେ ଗୁରୁ ଭାବେ ଅଜିତ ଦାସ, ବିଜୟ ମହାନ୍ତି ପ୍ରମୁଖଙ୍କଠାରୁ ଅଭିନୟ ଶିକ୍ଷା ପାଇବା ସହ ସେମାନଙ୍କ ସହିତ ପରିଚିତ ହୋଇପାରିଥିବାରୁ ବେଶ୍ ଖୁସି ହୋଇପଡୁଥିଲି। ଏକ ନାଟକ 'ଅନାମଧେୟର ସ୍ୱର'ରେ ଜଣେ ବାଳକ ଚରିତ୍ରରେ ଅଭିନୟ କରୁଥିବା ବେଳେ ଏହା ଦର୍ଶକଙ୍କ ମନକୁ ଖୁବ୍ ଛୁଇଁପାରିଥିଲା। ସେତେବେଳେ ସଙ୍ଗୀତ ମହାବିଦ୍ୟାଳୟରୁ ଛାତ୍ରବୃତ୍ତି ଆକାରରେ ୬୦ ଟଙ୍କା ଲେଖାଏ ମିଳୁଥାଏ । ସମୟକ୍ରମେ ପୁଣି ଶତାବ୍ଦୀର କଳାକାର ଅନୁଷ୍ଠାନ ଦ୍ୱାରା କୁହୁଡ଼ି, ବାଞ୍ଛାର ବଗିଚା, ଦେଖ ବର୍ଷା ଆସୁଛି ଏମିତି ବହୁ ନାଟକରେ ଅଭିନୟ କରିଛି। ଆକାଶବାଣୀର ବେତାର ନାଟକ କରିଛି। ଏମିତିରେ ଅନେକ ସମୟରେ ନାଟକରେ ଅଭିନୟ ପାଇଁ ମତେ ଡାକରା ଆସୁଥାଏ କିନ୍ତୁ ସେତେବେଳେ ଚିଠି ପାଇବାରେ ବିଳମ୍ବ ଯୋଗୁ ବହୁନାଟକରେ ଅଭିନୟ କରିବାରୁ ବଞ୍ଚିତ ହୋଇଛି। ଏପରିକି ଆଜିର ଓଡ଼ିଶା, ଆମ ଓଡ଼ିଶା, କୃଷି ଦୁନିଆକୁ ଏଡିଟିଂ କରିଛି। ଦୂରଦର୍ଶନରେ ପ୍ରସାରଣ କରାଯାଇଥିବା ଏକ ଧାରାବାହିକ 'ସାରା ଆକାଶ'ରେ ପୋଲିସ ଇନ୍ସପେକ୍ଟର ଚରିତ୍ରରେ ପ୍ରଥମେ ଲୋକଲୋଚନକୁ ଆସିଥିଲି। ପରେ ଓଡ଼ିଆ ଧାରାବାହିକ ତାସ୍‌ର ଘର, ଓଁସାଇ, ଶିରିଡ଼ିସାଇ, ମନଅରଣ୍ୟ, ଜୀବନ ଯମୁନାରେ ଜୁଆର ଉଠେରେ, ତେଜସ୍ୱିନୀ, ସିନ୍ଦୂରବିନ୍ଦୁ, ଟୋପାଏ ସିନ୍ଦୂର, ଶ୍ରୀମନ୍ଦିର, ନଣନ୍ଦ ପୁଟୁଲି, ସାବିତ୍ରୀ, ଶ୍ରୀଗୁରୁ ଭାଗବତ, ସମ୍ପର୍କ ହୃଦୟର, ଟୁପୁର ଟାପର, କୁମ୍‌କୁମ୍ ଏବଂ ଏକ୍ କାହାନି ହିନ୍ଦୀ ଧାରାବାହିକରେ ଅଭିନୟ କରିସାରିଛି। ସେହିପରି ରାଖୀ ବାନ୍ଧିଲି ମୋ ରଖିବ ମାନ, ଏସିପି ସାଗରିକା, ନଈ ସେପାରି କନକ ଗୋରୀ, ମାତୃଶକ୍ତି, ଗୁଣ୍ଡା ଆଦି ଏକାଧିକ ସିନେମାରେ ଅଭିନୟ କରିସାରିଛି। ଥରେ ବମ୍ବେରେ 'ଧାଗେ କି ଜଞ୍ଜିର' ସିନେମା ଶୁଟିଂରେ କ୍ଲାପ୍ ଦେଉଥିଲି। କିନ୍ତୁ କ୍ଲାପ୍ ଦେଲାବେଳେ ଜୟପ୍ରଦାଙ୍କ ଆଖିରେ କିଛି ଚକ୍‌ଖଡ଼ି ଗୁଣ୍ଡ ହୁଏତ ପଡ଼ିଥାଇପାରେ। ମାତ୍ର କ୍ୟାମେରା ପରିଚାଳନା କରୁଥିବା ନିର୍ଦ୍ଦେଶକ ଆକବର ବାଲମ୍ ହଠାତ୍ ବିରକ୍ତ ହୋଇ ସେଠାରୁ ଗୋଟେ ଝାଡୁ ଧରି ମୋତେ ବାଡ଼େଇବା ପାଇଁ ଗୋଡ଼ାଇଥିଲେ। ଏ କଥା ମୋର ଏଯାଏ ବି ମନେରହିଛି। ପୁରସ୍କାର ଅପେକ୍ଷା ଲୋକଙ୍କ ମନରେ ଅଭିନୟର ଛାପକୁ ବେଶି ପସନ୍ଦ କରେ। ଅବଶ୍ୟ ପୁରସ୍କାର ଭଲ ପାଇବାର ଏକ ଭିନ୍ନ ପରିଚୟ ସୃଷ୍ଟି କରେ। ତେବେ ୨ଝିଅ, ଗୋଟିଏପୁଅ ଏବଂ ପତ୍ନୀଙ୍କୁ ନେଇ ମୋର ଛୋଟିଆ ସଂସାର। ଏବେ ଅଭିନୟ ଅପେକ୍ଷା ଏଡିଟିଂ ପ୍ରତି ଅଧିକ ଆଗ୍ରହ ବଢ଼ିଯାଇଛି। ହେଲେ ଅଭିନୟ କରିବାରେ ଖୁବ୍ ଆନନ୍ଦ ମିଳିଥାଏ।

**–ବନବିହାରୀ ବେହେରା**





# ଲଟେରୀ

**–ଶିବ ସୁନ୍ଦର ପାଣିଗ୍ରାହୀ**

ପ୍ରତିଥର ରଜରେ ଲଟେରୀ ଉଠାଣ ବେଳେ ସେ' ସେଠାରେ ଉପସ୍ଥିତ ନ ଥାଏ । କିନ୍ତୁ ପ୍ରଥମ ପୁରସ୍କାର ଘୋଷଣାର ପ୍ରତିକ୍ଷୀତ ମୁହୂର୍ତ୍ତରେ, ଉତ୍କଣ୍ଠିତ ଭିଡ଼ର ଆଶା ଓ ଉଦ୍ଦୀପନାମାନଙ୍କ ମୁହଁରେ ନିରାଶାର ଅନ୍ଧାର ବୋଳିଦେଇ, ସଫଳତାର ଆଲୁଅ କେବଳ ତା' ହାତରେ ହିଁ ଆସି ଧରାଦିଏ । ସେ' ଉଲ୍ଲସିତ ହୋଇପଡେ। ତା' ଉପରେ ଭଗ୍ୟଦେବୀଙ୍କ ଆକୁଣ୍ଠ ପ୍ରସନ୍ନତା ହୃଦବୋଧ ହେଲାଦିନୁ ଭବିଷ୍ୟତକୁ ନେଇ ଜୀବନ ଜୀବିକାର ଚିନ୍ତା ଓ ଚେତନାମାନେ ତା'କୁ ଆଉ କବଳିତ କରିପାରନ୍ତି ନାହିଁ। ବିନା ପରିଶ୍ରମରେ ବିପୁଳ ଉପାର୍ଜନର କୃତିତ୍ୱ ତା' ମନରେ ଭରିଦିଏ ଗୋଟେ ନିର୍ଭୟ ଆଶ୍ୱାସନାର ଉତ୍ସାହ। ତେବେ ଲଟେରୀ ଭଳି ଭାଗ୍ୟପରୀକ୍ଷା ଯେହେତୁ ସବୁଦିନେ ସଂଘଟିତ ହୁଏ ନାହିଁ, ଭାଗ୍ୟ ଭରସାରେ ନିତିଦିନ ଉପାର୍ଜନର ଉନ୍ମାଦନା ତା'କୁ କଢ଼େଇ ନିଏ ଏକ ବିକଳ୍ପ ରୋଜଗାରର ଉଷ୍ମତା ଆଡକୁ ।

ପାଦ ପାଦରେ ଲୁଟ୍ ହୋଇଯିବାର ଆଶଙ୍କା ଥିଲେ ବି ସାଥିରେ ଯଦି ଭାଗ୍ୟ ଅଛି ତେବେ ଏଠି ଅଛି ପ୍ରାଚୁର୍ଯ୍ୟର ଆସ୍ଥା। ନିଶ୍ଚିତ ଉପାର୍ଜନର ଏକ ସୁନ୍ଦର ଅବସର। ଭାକୁର ଧରିବା ପ୍ରୟାସରେ ଖାଲି କେରାଣ୍ଡି ଖଣ୍ଡିକ ମୂର୍ଚ୍ଛିବାର ସାହସ ଜୁଟାଇ ପାରିଲେ ପ୍ରତିଟି ମୁହୂର୍ତ୍ତ ଏଠି କିନ୍ତୁ ବେଶ୍ ଉପଭୋଗ୍ୟ, ଉତ୍ସାହପ୍ରଦ ।

ଦିନ କେଇଟାରେ ସେ' ବିପୁଳ ସମ୍ପନ୍ନତାର ଅଧିକାରୀ ହୋଇପଡେ ସତ କିନ୍ତୁ ଉପାର୍ଜନର ତୃପ୍ତି ଭାବ ତା'କୁ ଆଚ୍ଛାଦନ କରିପାରେ ନାହିଁ। ପ୍ରାଚୁର୍ଯ୍ୟର ଭୋଗ ବିଳାସ ଭିତରେ ବି କାହିଁକି କେଜାଣି ସେ' ନିଜକୁ ଆପାତତଃ ସୁଖୀ ବୋଲି ଘୋଷଣା କରିପାରେ ନାହିଁ। ବାରମ୍ବାର ତା' ମନରେ ଓହଳିପଡେ ଅଳନ୍ଧୁ ପରି ଗୋଟେ ସଙ୍କୋଚପଣର ହୀନମନ୍ୟତା। ଅନିଶ୍ଚିତତାର ପଶାପାଲିରେ ଜିତିବାର ଭୋକ ଅନେକଙ୍କୁ ସର୍ବହରା କରିଦିଏ। ତା'ସମ୍ମୁଖରେ ନିଜ ନିଜର ସର୍ବସ୍ୱ ଲୁଟାଇସାରି ତା'ପରି ଅନେକ ଭାଗ୍ୟ ପରୀକ୍ଷାର୍ଥୀମାନଙ୍କ ଆତ୍ମହତ୍ୟା ପରେ ଜଣେ ହତ୍ୟାକାରୀ ଭଳି ଦୋଷୀପଣର ଅଯାଚିତ କ୍ଲେଶ ତା'କୁ ବିଚଳିତ କରି ପକାଏ । ଏକ ଗଭୀର ଅନୁଶୋଚନାରେ ସେ' ଉଦାସ ଓ ଭାରାକ୍ରାନ୍ତ ହୋଇପଡେ ।

ସବୁଥର ପରି ଏ ରଜରେ ବି ଲଟେରୀ ଉଠାଣ ବେଳକୁ ସେ' ସେଠାରେ ତ ଉପସ୍ଥିତ ନଥିଲା । ପ୍ରଥମ ପୁରସ୍କାରର ଉତ୍ସାହ ବି ତା'କୁ ଇ ଖୋଜିଖୋଜି ନିରାଶ ହେଲା ପଛେ ତା' ପର୍ଯ୍ୟନ୍ତ କିନ୍ତୁ ଆଦୌ ପହଞ୍ଚି ପାରିଲାନି ।

*କ୍ୱାର୍ଟର ନଂ – ଏନ୍ ଡି ୦୫/୦୮*
*ଜେ. କେ ପୁର, ରାୟଗଡା*
*ମୋ : ୮୦୧୮୮୩୮୩୭୮*





# ଶବ୍ଦ....

**–ଛନ୍ଦା ମିଶ୍ର**

ଶବ୍ଦମାନେ ଖୁବ୍ ଖିଆଲି
କେବେ ଆସି ଜଡାଇ ଧରନ୍ତି
ତୀବ୍ର ଆଶ୍ଳେଷରେ
ନିସଙ୍ଗ ରାତିରେ
ନିଶବ୍ଦ ପ୍ରହରେ
କେବେ ପୁଣି ଶବ୍ଦଙ୍କ ଭିଡରେ
କରନ୍ତି ଶବ୍ଦହୀନ ।

ରଙ୍ଗହୀନ ଶବ୍ଦ ସବୁ
ରଙ୍ଗ ବଦଳାନ୍ତି
ପରିବେଶ ଓ ପରିସ୍ଥିତିର
ଦ୍ୱାହି ଦେଇ
ଖେଳନ୍ତି ରକ୍ତରେ ହୋଲି
ରକ୍ତର ସମ୍ପର୍କକୁ ଭୁଲି
ଅବା
ସାଜନ୍ତି ଶାନ୍ତିର କପୋତ ।

ଶବ୍ଦର ସୌଦାଗର
ଶବ୍ଦରେ କରନ୍ତି ବେପାର
ଶବ୍ଦରେ କିଣି
ଶବ୍ଦରେ ବିକି
ଶବ୍ଦରେ ଭାଙ୍ଗି
ଶବ୍ଦରେ ବି ଗଢନ୍ତି
କୋଣାର୍କ ।

ସବୁ ଶବ୍ଦଙ୍କ ଭାଗ୍ୟରେ
ନଥାଏ
ଉଚ୍ଚାରିତ ହେବାର ଅଭିପ୍ସା
କିଛି ଶବ୍ଦ
ଅନୁଚ୍ଚାରିତ ରହି ବି
ସୃଷ୍ଟି କରନ୍ତି
ନୀରବତାର
ପବିତ୍ର କୋଳାହଳ ।

*– ବିଜେବି ନଗର, ଭୁବନେଶ୍ୱର*
*ମୋ:୯୪୩୭୪ ୫୩୬୧୦*



# ବିଡ଼ମ୍ବନା

**–ଖଗେଶ୍ୱର ଖଣ୍ଡୁଆଳ**

ଏବେ
ଭରସା ନାହିଁ ବର୍ଷାକୁ
କେତେବେଳେ ବର୍ଷିବ
କେତେବେଳେ ଲୁଚିଯିବ ।

ନିଷ୍ଠୁର ସାଜିଲାଣି ମୌସୁମୀ
ଅବେଳରେ ଝରାଉଛି ନିଆଁଝୁଲ
ହା..ହା କାର ମାଟିର ଛାତିରେ
ମୁଣ୍ଡ ଗୁଞ୍ଜିବାକୁ ଘାସଟିଏ ବାଟ ଖୋଜେ ।

କଂକ୍ରିଟର ଆଘାତରେ ଆହତ
କଅଁଳ ଦୁବଟି କେଉଁଠି ହଜେ
କେମିତି ବା ମିଳିବ କୋମଳତାର ସ୍ପର୍ଶ ।

ପଥରଠୁ କଠିନ ମଣିଷର ମନ
ଆକାଶଠୁ ଉଚ୍ଚ ଅଟ୍ଟାଳିକାର ସ୍ୱପ୍ନ
କାଉ, କୋଇଲି କୁଆଡ଼େ ନିଖୋଜ ହେଲେଣି
ଶୁଭୁନି ଆଉ ତାଙ୍କ ସ୍ୱର

ବାଘ–ସିଂହ ଏବେ ରାଜରାସ୍ତାରେ
କିଏ କେଉଁଠି ରହିବେ
ଇଏ ବିଡ଼ମ୍ବନା ଛଡ଼ା କ'ଣ ବା ହୋଇପାରେ ?

*–ଅରିଲୋ, ସୋମପୁର, କଟକ*
*ମୋ: ୯୪୩୮୬୧୫୫୮୮*







# ଲଣ୍ଡା ହେଲେ ଚନ୍ଦନ

ଇତିହାସର ପୃଷ୍ଠା ଲେଉଟାଇଲେ କଳାପାହାଡର ଛାତିଥରା କାର୍ଯ୍ୟ ଆଖି ସାମନାକୁ ଆସିଥାଏ। କ୍ରୁର ପ୍ରକୃତିର ବଶବର୍ତ୍ତୀ ହୋଇ ସେ କେତେ ମନ୍ଦିରକୁ ଛାରଖାର କରିଦେଇଛି ତାହାର ହିସାବ ନାହିଁ। ଏଭଳି ବ୍ୟକ୍ତିଙ୍କର ଜୀବନୀକୁ ନେଇ ନିର୍ମିତ ହେଉଛି ଓଡ଼ିଆ ସିନେମା 'କଳାପାହାଡ'। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଚନ୍ଦନ କର। ଏହି ଭୂମିକା ପାଇଁ ତାଙ୍କୁ ଲଣ୍ଡା ହେବାକୁ ପଡିଛି ଏବଂ


ଚନ୍ଦନ

ତା'ସହ ଦାଢ଼ି ମଧ ବଢ଼ାଇଛନ୍ତି। ଏସଡିଡି ଏଣ୍ଟରଟେନମେଣ୍ଟ ବ୍ୟାନରରେ ଉକ୍ତ ଫିଲ୍ମର ଶୁଟିଂ ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଚିତ୍ରତ୍ତୋଳନ ସହ ପ୍ରଯୋଜନା କରିଛନ୍ତି ପ୍ରଦୀପ ସାହୁ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବି. ଶ୍ରୀବସ୍ତ। ଫିଲ୍ମର କ୍ରିଏଟିଭ ନିର୍ଦ୍ଦେଶକ ଅଛନ୍ତି ଦେବାଶିଷ ଜେନା। ଗୀତ ସହ ସଂଳାପ ରଚନା କରିଛନ୍ତି ଡା. ନିର୍ମଳ ନାୟକ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଚନ୍ଦନଙ୍କ ବ୍ୟତୀତ ସ୍ନିଗ୍ଧା ମହାନ୍ତି, ଦେବୀ ବାରିକ, ଜୀବନ ପଣ୍ଡା, ଅଜୟ ପଟେଲ (ଛତିଶଗଡ), ଅଭିନବ ସିଂ, ଶ୍ରୀକୁମାର ଜେନା ଏବଂ ପବିତ୍ର ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

# ଚତୁରୀ ଅନନ୍ୟା

ଚିଙ୍କି ତନୟା ଅନନ୍ୟା ପାଣ୍ଡେଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ସେ କୁଆଡେ ଏବେ ଆକ୍ଟିଂ ଠାରୁ ନିଜ ପ୍ରେମକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଶୁଣିବାକୁ ମିଳୁଛି ଯେ ଜଣେ ପରଦେଶୀ ଯୁବକଙ୍କ ପ୍ରେମରେ ସେ ପଡିଯାଇଛନ୍ତି। ହେଲେ ଦେଖୁନାହାନ୍ତି, ଏକଥାକୁ ନେଇ ତାଙ୍କୁ କିଛି ପଚାରିଲେ ସେ ତାହାକୁ ମାନିବାକୁ ନାରାଜ। କେହି କୁଆଡେ ତାଙ୍କୁ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ଏ ସମ୍ପର୍କରେ ସଫେଇ ଦେଇ ଅନନ୍ୟା କହନ୍ତି, 'ଅସଲ କଥା ହେଲା, ଏଭଳି ପ୍ରଚାର ପଛରେ ଆଦୌ ସତ୍ୟତା ନାହିଁ। କାରଣ ବର୍ତ୍ତମାନ ମୋ ପାଖରେ ପ୍ରେମ କରିବାକୁ ସମୟ ନାହିଁ। ବଲିଉଡ୍‌ରେ ନିଜ କ୍ୟାରିୟରକୁ ନେଇ ମୁଁ ବ୍ୟସ୍ତ। ମୁଁ ଯାହା ଭାବୁଛି, ମୋ ନାମକୁ ଅନ୍ୟ ସହ ଯୋଡି କେହି ଏଭଳି ମିଛ ପ୍ରଚାର କରୁଛି। ତେଣିକି ଯିଏ ସେପରି କଥାକୁ ସତ ଭାବିଲେ ମୋର ସେ ନେଇ କିଛି କହିବାର ନାହିଁ।' ଅନନ୍ୟାଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରୁ। ତା'ପରେ ସେ 'ପତି ପତ୍ନୀ ଔର ୱ୍ୱ', 'ଖାଲି ପିଲି' ଏବଂ 'ଗେହେରାଇୟାଁ'ରେ ଅଭିନୟ କରିସାରିଛନ୍ତି। ଅନ୍ୟପକ୍ଷରେ ଦ୍ୱିଭାଷୀ (ତେଲୁଗୁ, ହିନ୍ଦୀ) ଫିଲ୍ମ 'ଲିଗର' ଏବଂ ନିର୍ମାଣାଧୀନ 'ଖୋ ଗୟେ ହମ୍ କାହାଁ'ରେ ବି ତାଙ୍କୁ ଦେଖିବାକୁ ମିଳିବ।


ଅନନ୍ୟା

# ହଁ-ନାଁର ଖେଳ

ସୋନାକ୍ଷୀ ଏବେ ବଲିଉଡ୍‌ରେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ଏକ ସିକ୍ୱେନ୍ସ ତାଙ୍କୁ ଦୋଛକିରେ ଛିଡା କରିଦେଇଛି। ଅସଲ କଥା ହେଲା, ନିକଟରେ ଜଣେ ନବାଗତ ପ୍ରଯୋଜକ ତାଙ୍କର ସିନେମାରେ ସୋନାକ୍ଷୀ ସିହ୍ନାଙ୍କୁ ସାଇନ୍ କରିବାକୁ ମନସ୍ଥ କରିଥିଲେ। ଆଲୋଚନା ସମୟରେ କାହାଣୀ ଏବଂ ସେଥିରେ ନିଜ ଭୂମିକାକୁ ବେଶ୍ ପ୍ରଶଂସା କରିଥିଲେ ସୋନାକ୍ଷୀ। ହେଲେ ସେଥିରେ ଗୋଟିଏ କେଁ ରହିଯାଇଥିଲା। ଏହି ଫିଲ୍ମରେ ତାଙ୍କୁ ବିକିନୀ ପିନ୍ଧି ସୁଇମିଙ୍ଗ ପୁଲ୍‌ରେ ଶଟ୍ ଦେବାକୁ ପଡିବ। ଏ କଥା ଜାଣିବା ପରେ ସେ ଅଡୁଆରେ ପଡିଯାଇଛନ୍ତି। ଏପରି ବିଷୟକୁ ନେଇ ସୋନାକ୍ଷୀ କହନ୍ତି, 'ମୋତେ ଯାହା ଲାଗୁଛି କାହାଣୀ ସହ ଏଭଳି ଦୃଶ୍ୟର କିଛି ସଂଯୋଗ ନାହିଁ। ସେପଟେ ଏହାର କାହାଣୀ ଏବଂ ମୋର ଭୂମିକା କେହି କାହାକୁ କମ୍ ନୁହଁନ୍ତି। ତେଣୁ ଅଫରଟିକୁ ହାତଛଡା କରିବାକୁ ଚାହୁଁନାହିଁ। ହେଲେ ବିକିନୀ ଶଟ୍‌କୁ ନେଇ ମୁଁ ଅଡୁଆରେ ପଡିଛି। ଏହାକୁ ବାଦ୍ ଦେବାକୁ ପ୍ରଯୋଜକଙ୍କୁ କହିଛି। ହେଲେ ସେପଟୁ ମୋତେ କିଛି ସୂଚନା ଦିଆଯାଇନାହିଁ। ଆଉ କିଛି ଦିନ ଅପେକ୍ଷା ପରେ ଯଦି ସେମାନେ ଏଭଳି ଶଟ୍‌କୁ ବାଦ୍ ଦିଅନ୍ତି ତେବେ ଯାହା କିଛି ନିଷ୍ପତ୍ତି ନେବି। ହେଲେ ଏ ନେଇ ମୁଁ କୁଆଡେ ଅଧିକ ପାରିଶ୍ରମିକ ଡିମାଣ୍ଡ କରୁଛି ବୋଲି ଶୁଣାଯାଉଛି। ସେଭଳି କଥା ପଛରେ ଆଦୌ ସତ୍ୟତା ନାହିଁ।' ତେବେ ଏହି ଫିଲ୍ମରେ ସୋନାକ୍ଷୀ ଅଭିନୟ କରୁଛନ୍ତି କି ଅଫରଟିକୁ ହାତଛଡା କରିବେ ସେ କଥା ଖୁବ୍ ଶୀଘ୍ର ଜଣାପଡିଯିବ।


ସୋନାକ୍ଷୀ

# ରହସ୍ୟ ଖୋଲିଲେ ପୂଜା

ଆଶୁତୋଷ ଗୋୱାରିକରଙ୍କ ଐତିହାସିକ ଚଳଚ୍ଚିତ୍ର 'ମହେଞ୍ଜୋଦାରୋ'ରେ ହ୍ରିତିକ ରୋଶନଙ୍କ ନାୟିକା ଭାବରେ ଦେଖିବାକୁ ମିଳିଥିଲା ପୂଜା ହେଗଡେଙ୍କୁ। ଏହା ଥିଲା ପୂଜାଙ୍କର ପ୍ରଥମ ହିନ୍ଦୀ ସିନେମା। ହେଲେ ଏହି ରୋଲ୍ ପାଇଁ ସେ ସିଲେକସନ ହେବା ପଛରେ ଏକ ରହସ୍ୟ ଲୁଚି ରହିଥିଲା। ଆଲୋଚନା ହେଉଥିଲା ଯେ, ଆଶୁତୋଷ ଏବଂ ହ୍ରିତିକ ମିଳିତ ଭାବରେ ତାଙ୍କୁ ଚଏସ କରିଥିଲେ। କିନ୍ତୁ ଏହା ପଛରେ ଆଉ ଜଣଙ୍କ ପ୍ରମୁଖ ଭୂମିକା ଥିଲା। ସେ କିଏ ଜାଣନ୍ତି ? ଆଶୁତୋଷଙ୍କ ପତ୍ନୀ ସୁନୀତା। ଏକଦା ପୂଜା ଏକ ସ୍କୁଟି ବିଜ୍ଞାପନର ଶୁଟିଂ କରୁଥାଆନ୍ତି। ଠିକ୍ ସେତିକି ବେଳକୁ ସେହି ବାଟରେ ସୁନୀତା ଯାଉଥାଆନ୍ତି। ତାଙ୍କର ଆଖି ପଡିଗଲା ପୂଜାଙ୍କ ଉପରେ। ଆଉ ତା'ପରେ ଯାହା ହେଲା ସେ ନେଇ ପୂଜା କହନ୍ତି, 'ମୁଁ ସେଦିନ ଏକ ସ୍କୁଟି ଆଡ୍‌ର ଶୁଟିଂରେ ବ୍ୟସ୍ତ ଥାଏ। ଏହି ସମୟରେ ମୋତେ ସ୍ପଟ ବୟ ଆସି ଖବର ଦେଲା ଯେ, ମୋତେ ଜଣେ ମହିଳା ଦେଖା କରିବାକୁ ଚାହୁଁଛନ୍ତି। ମୁଁ ତାଙ୍କ ପାଖକୁ ଯାଇ ଦେଖିଲି ସେ ହେଉଛନ୍ତି ନିର୍ଦ୍ଦେଶକ ଆଶୁତୋଷଙ୍କ ପତ୍ନୀ। ସେ ମୋତେ ତାଙ୍କ ଘରକୁ ଯିବାକୁ କହିଲେ। ଆଉ ତା'ପର ଦିନ ମୁଁ ସେଠାକୁ ଯିବା ପରେ ଯାହା ହେଲା ତାହାକୁ ମୁଁ ବିଶ୍ୱାସ କରିପାରି ନ ଥିଲି। ଆଶୁତୋଷ ତାଙ୍କ ଫିଲ୍ମ 'ମହେଞ୍ଜୋଦାରୋ'ରେ ଅଭିନୟ କରିବାକୁ ମୋତେ ଅଫର ଦେଇଥିଲେ, କାରଣ ତାହା ପୂର୍ବରୁ ସୁନୀତା ମୋ ବିଷୟରେ ସବୁକିଛି ତାଙ୍କୁ ଜଣାଇ ସାରିଥିଲେ।'


ପୂଜା

# କହୁ କହୁ କହିଦେଲେ

ଯେତେ ଲୁଚାଇଲେ କ'ଣ ହେବ ଶେଷରେ ଅସଲ କଥା ତାଙ୍କ ପାଟିରୁ ବାହାରି ଗଲା। କଥା କ'ଣ କି ଏକ ନୂଆ ବ୍ୟାନରରେ ମୃଣାଳ ଠାକୁର ସିରିଜ୍ ଫିଲ୍ମରେ ଆକ୍ଟିଂ କରିବାକୁ ଯାଉଛନ୍ତି। ଏ ସମ୍ପର୍କରେ ପୂର୍ବରୁ ପଚାରିଲେ ସେ କଥାଟିକୁ ଏଡାଇ ଦେଉଥିଲେ। ହେଲେ ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ତାଙ୍କ ଜିଭ୍ ସ୍ଲିପ୍ କରିଯାଇଥିଲା। ଏ ନେଇ ମୃଣାଳ କହନ୍ତି, 'ଏପରି ଶୁଭ ଖବରକୁ ମୁଁ ଲୁଚାଇ ରଖିଥିଲି, କାରଣ ପରେ ସମସ୍ତଙ୍କୁ ସରପ୍ରାଇଜ ଦେଇଥାଆନ୍ତି। ହେଲେ ଯେତେବେଳେ କଥାଟି ପାଟିରୁ ବାହାରି ଗଲା, ତାକୁ ନେଇ ଆଉ ମିଛ କହିବାକୁ ସାହସ ହେଲା ନାହିଁ। ସେ ବିଷୟରେ ସବୁ କଥା ଜଣାଇ ଦେଇଥିଲି। ଏହା ଏକ ନୂଆ ବ୍ୟାନର। ସେଥିରେ ନିର୍ମିତ ହେବାକୁ ଥିବା ସିରିଜ୍ ଫିଲ୍ମରେ ମୁଁ ଆକ୍ଟିଂ କରିବାକୁ ଯାଉଛି। ହେଲେ ସେଗୁଡିକର ପ୍ରାରମ୍ଭିକ କାମ ଚାଲୁ ରହିଛି ଏବଂ ଟାଇଟଲ ଫାଇନାଲ ହୋଇନାହିଁ। ଆଉ ଏକ ଖାସ୍ କଥା ହେଲା, ୱେବ୍ ସିରିଜ୍‌ରେ ମଧ ଆକ୍ଟିଂ କରିବାକୁ ମୋତେ ଅଫର ମିଳିଛି। ହେଲେ ସେ ନେଇ ମୁଁ କିଛି ନିଷ୍ପତ୍ତି ନେଇନାହିଁ।' ଏହି ସିରିଜ ଫିଲ୍ମଗୁଡିକ ମୃଣାଳଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।


ମୃଣାଳ

# ରକ୍ଷା ବନ୍ଧନ

ଲାଲା କେଦାରନାଥଙ୍କର ଚାରି ଜଣ ଭଉଣୀ। ନିଜର ଏକ ଚାଟ୍ ଦୋକାନରୁ ସେ ଯାହା ରୋଜଗାର କରେ ସେଥିରେ ପରିବାର ଚଳାଏ। କିନ୍ତୁ ଶଯ୍ୟାରେ ପଡି ରୋଗ ସହ ସଂଗ୍ରାମ କରୁଥିବା ନିଜ ମା'ଙ୍କୁ ସେ କଥା ଦେଇଛି ଯେ, ତାହାର ଚାରି ଉଭଣୀଙ୍କୁ ସେ ଭଲ ଘରେ ବାହା ଦେବ। ଆଉ ତା'ପରେ ନିଜେ ବିବାହ କରିବେ। ହେଲେ ଏହି ସମୟରେ ନିଜ ପିଲାଦିନର ସାଙ୍ଗ ସ୍ୱପ୍ନା ସହ ତାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଛି। ଏହାପରେ ମା'ଙ୍କୁ ଦେଇଥିବା କଥାକୁ ସେ ପୂରଣ କରିପାରୁଛି ତ ? ନିଜ ପ୍ରେମକୁ ସେ କିପରି ସଫଳ କରୁଛି-ଏପରି ପ୍ରଶ୍ନଗୁଡିକର ଉତ୍ତର ରହିଛି କାହାଣୀରେ, ଯାହାକୁ ନେଇ ନିର୍ମିତ ହୋଇଛି ହିନ୍ଦୀ ସିନେମା 'ରକ୍ଷା ବନ୍ଧନ'। ଏଥିରେ ଲାଲା ଭୂମିକାରେ ଅକ୍ଷୟ କୁମାର ଅଭିନୟ କରୁଥିବା ବେଳେ ତାଙ୍କର ପ୍ରେମିକା ସ୍ୱପ୍ନା ସାଜିଛନ୍ତି ଭୂମି ପେଦନେକର। ଜି ଷ୍ଟୁଡିଓଜ, ଆନନ୍ଦ ଏଲ. ରାଇ ଏବଂ ଅଲକା ହୀରାନନ୍ଦିନୀଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଇଷାନ ଛାବ୍ରା। ଆନନ୍ଦ ଏଲ. ରାଇଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚିତ୍ରଟି ଠିକ୍ ରାଖୀ ପୂର୍ଣ୍ଣିମା ଦିନ ଅର୍ଥାତ୍ ଅଗଷ୍ଟ ୧୧ରେ ପରଦା ଉପରକୁ ଆସିବ।


'ରକ୍ଷା ବନ୍ଧନ' ଚଳଚ୍ଚିତ୍ରର ଏକ ଦୃଶ୍ୟରେ ଅକ୍ଷୟ କୁମାର

# ରଜନୀ ସଜନୀ ପାହିଲା ରାତି, ମନରୁ ଛାଡୁନି ବିରହ ତାତି

**ପ୍ରଶ୍ନ**–ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲି ସେ ମୋତେ ଭୁଲ ବୁଝିଲା। ପୁଣି ଅଧା ବାଟରେ ହାତ ଛାଡି ଚାଲିଗଲା। ହେଲେ ତାକୁ ମୁଁ ମନରୁ ପାସୋରି ପାରୁନି। କ'ଣ କରିବି ?

*–ଦୀପକ ସାହୁ, କଟକ*

**ଉତ୍ତର:** ଯାହା ଉପରେ ଶତ ପ୍ରତିଶତ ଭରସା ରଖି ଆପଣ ପ୍ରେମର ନାଆକୁ ଆଗେଇ ନେଉଥିଲେ ତାହା ଅଧା ବାଟରେ ଦିଗହରା ହୋଇଯାଇଛି। ଏବେ ସେ ପ୍ରେମ ନାହିଁ କି ପ୍ରେମିକା ନାହିଁ। ତେଣୁ ସେପରି ପ୍ରେମର ଦ ଏଣ୍ଡ ହୋଇଯାଇଛି ବୋଲି ଧରିନିଅନ୍ତୁ। ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ ହୁଳୁକି ହୁଳୁକି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। 'ରଜନୀ ସଜନୀ ପାହିଲା ରାତି, ମନରୁ ଛାଡୁନି ବିରହ ତାତି'। ଯଦି ପୁଣି ଥରେ କାହାକୁ ମନର ମାନସୀ ଭାବରେ ଚଏସ୍ କରୁଛନ୍ତି ତେବେ ସେହି ସମୟରେ ହାତେ ମାପି ଚାଖଣ୍ଡେ ଚାଲନ୍ତୁ। ତା'ସହ ନୂଆ ପ୍ରେମକୁ ଆହୁରି ସରସ ସୁନ୍ଦର କରିବା ପାଇଁ ପୁରୁଣା ପ୍ରେମକୁ ସମ୍ପୂର୍ଣ୍ଣ ଭାବରେ ମନରୁ ପୋଛି ଦିଅନ୍ତୁ।

**ପ୍ରଶ୍ନ**–ପ୍ରେମର ସୃଷ୍ଟି କେମିତି ହୁଏ ? ଆଉ ପ୍ରକୃତରେ ପ୍ରେମ କିପରି ଆରମ୍ଭ ହୁଏ ତାହା କହିବେ କି ସାଥୀ ?

*–ତନ୍ମୟ ଦାସ, ଢେଙ୍କାନାଳ*

**ଉତ୍ତର:** ପ୍ରେମ କରିବା ପୂର୍ବରୁ ମନ ପ୍ରଥମେ ପରିଷ୍କାର ରଖନ୍ତୁ। ଯାହାକୁ ମନ ତାକୁ ପ୍ରପୋଜ କଲେ ଯେ ଆପଣଙ୍କର ମନୋସ୍କାମନା ପୂରଣ ହେବ ତାହା ଭାବିବା ଠିକ୍ ନୁହେଁ। ଗୋଟିଏ କଥା–ପ୍ରେମର ଆରମ୍ଭ କେମିତି ହୁଏ ତାହା ତର୍ଜମା କଲେ କଥାଟି ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିବ। ତେଣୁ ଏପରି ମନ ସହ ମନ ଫିଟ୍ କରନ୍ତୁ, ଯେମିତି ତାହା ଲାଇଫ୍ ଲଙ୍ଗ୍ ଯୋଡି ହୋଇ ରହିବ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଯାହା ଅନୁମାନ କରୁଛି ସେ ମୋତେ ପ୍ରେମର ଇସାରା ଦେଉଛି। କ'ଣ କରିବି ?

*–ସୁନୀତ ମହାରଣା, ବ୍ରହ୍ମପୁର*

**ଉତ୍ତର:** ପ୍ରେମରେ ସବୁବେଳେ ଶୁଭସ୍ୟ ଶୀଘ୍ରମ। ଯଦି ଜାଣୁଛନ୍ତି କଥା ଏତେବାଟ ଆଗେଇ ଗଲାଣି ତେବେ ଡେରି କଲେ ହୁଏତ ଚାନ୍ସଟା ହାତରୁ ଖସି ଯାଇପାରେ। ସମୟ ସୁବିଧା ଦେଖି ବହି ଫିଟ୍ କରିଦିଅନ୍ତୁ। ଅନେକ ସମୟରେ ଇସାରାରୁ ପ୍ରେମର ସୃଷ୍ଟି ହୋଇଥାଏ। ଯଦି ତାହାକୁ ଦେଖି ଜାଣିପାରୁଛନ୍ତି ଯେ, ସେପଟୁ ଗ୍ରୀନ୍ ସିଗନାଲ ରହିଛି, ତେବେ ଆଉ ଡେରି ନ କରି ସେହି ସୁନ୍ଦରୀକୁ ନିଜ ମନର ସୋ କେସ ଭିତରେ ରଖି ଦିଅନ୍ତୁ।

**ପ୍ରଶ୍ନ**–ମୋତେ ଯିଏ ପ୍ରେମ କରୁଛି, ସେ ମୋତେ ବ୍ଲାକମେଲିଂ କରିବା ଭଳି ଲାଗୁଛି। ଭାବୁଛି ତାକୁ ମନରୁ ଆଉଟ୍ କରିଦେବି। ଏ ନେଇ ମୋତେ କିଛି ଉପାୟ ବତାଇବେ କି ସାଥୀ ?

*–ଅନୀଲ, ପୁରୀ*

**ଉତ୍ତର:** ପ୍ରେମରେ ଯେତେବେଳେ ସନ୍ଦେହର ବାଦଲ ଭାସିବୁଲେ ସେତେବେଳେ ପାଣିପାଗ ବିଗିଡିବା ଆରମ୍ଭ କରେ। ବେଳେବେଳେ ଆରମ୍ଭରୁ ମିଠା ଲାଗୁଥିବା ପ୍ରେମର ସ୍ୱାଦ ଚାହୁଁ ଚାହୁଁ ପିତା ହେଇଯାଏ। ସେପରି ପ୍ରେମକୁ ଭରସା କରି ଆଗେଇଲେ ତାହା ମରିଚିକା ପଛରେ ଦଉଡିବା ଭଳି ହୋଇଥାଏ। ତେଣୁ ଯଦି ଜାଣୁଛନ୍ତି ଯେ ସେହି ପ୍ରେମିକା ଆପଣଙ୍କୁ ବ୍ଲାକ୍‌ମେଲିଂ କରିବା ଆରମ୍ଭ କଲାଣି ତେବେ ତାହାର ଜଲ୍‌ଦି କିଛି ବ୍ୟବସ୍ଥା କରନ୍ତୁ। ନ ହେଲେ ନେଡି ଗୁଡ କହୁଣୀକୁ ବୋହି ଗଲେ କେବଳ ଅନୁତାପ କରିବା ହିଁ ସାର ହେବ।



ସାଥୀ

---

ପ୍ରଥମ ରୋଜଗାର

## ପ୍ରଥମ ଉପାର୍ଜନ ବୋଉକୁ ଦେଇଥିଲି



ଶିକ୍ଷାବିତ୍, ଗାଳ୍ପିକା, ପ୍ରାବନ୍ଧିକା ତଥା ବିଜ୍ଞାନ ଲେଖିକା **ସବିତା ମହାପାତ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି ...

ରୌପ୍ୟ ନଗରୀ କଟକର ମେରିଆ ବଜାରରେ ମୋର ଜନ୍ମ। ପାଠପଢା ବି ସେଇଠି। ପ୍ୟାରିମୋହନ ଏକାଡେମୀରୁ ଏକାଦଶ ପାସ୍ କରି ଶୈଳବାଳା ମହିଳା ମହାବିଦ୍ୟାଳୟରେ ଗୃହ ବିଜ୍ଞାନରେ ସ୍ନାତକୋତ୍ତର ଶେଷ କରିଥିଲି। ୧୯୮୩ ମସିହାରେ ମୁଁ ଉକ୍ତ କଲେଜରେ ସ୍ନାତକ ପରୀକ୍ଷାରେ ଭଲ ମାର୍କ ରଖି ବେଷ୍ଟ ଗ୍ରାଜୁଏଟ୍ ହେବାର ସୌଭାଗ୍ୟ ଅର୍ଜନ କଲି। ସ୍ମୃତିର ଗନ୍ତାଘରେ ଏବେ ବି ସାଇତା ହୋଇ ରହିଛି ସେଦିନର ସେଇ ରୋମାଞ୍ଚଭରା ଅନୁଭୂତି, ଯେତେବେଳେ ମୁଁ ସମ୍ମାନିତ ହେଲି ମହାବିଦ୍ୟାଳୟର ଜଣେ ନବୋଦିତ ଛାତ୍ରୀ ଭାବରେ। ସେଦିନ କଲେଜ ତରଫରୁ ମୋତେ ଉଚ୍ଛ୍ୱସିତ ଭାବେ ସମ୍ବର୍ଦ୍ଧିତ କରାଗଲା ଆଉ ବେଷ୍ଟ ଗ୍ରାଜୁଏଟ୍ ହୋଇଥିବାରୁ ନିରୁପମା ମହାପାତ୍ର ମେମୋରିଆଲ୍ ଆୱାର୍ଡର ପ୍ରମାଣପତ୍ର ସହିତ ୧୧୦୦ ଟଙ୍କା ପୁରସ୍କାର ଦିଆଯାଇଥିଲା ; ଯାହାକି ଥିଲା ମୋ ଜୀବନର ସର୍ବପ୍ରଥମ ଉପାର୍ଜନ। ସେହି ଟଙ୍କାରୁ ୩୦୦ ଟଙ୍କା ନିଜ ଇଚ୍ଛାରେ ଖର୍ଚ୍ଚ କରିବା ପାଇଁ ବୋଉ ମୋତେ ଅନୁମତି ଦେବାରୁ, ମୁଁ ଜଣେ ବାନ୍ଧବୀଙ୍କ ସହ ବଜାର ଯାଇ ବୋଉ ପାଇଁ ୧୫୦ ଟଙ୍କାର ଗୋଟିଏ ଶାଢି ଏବଂ ମୋ ପାଇଁ ବି ଗୋଟିଏ ଶାଢି କିଣିଥିଲି। ବାକି ପଇସା ବୋଉ ମୋ ପାଇଁ ସଞ୍ଚି ରଖିଥିଲା। ଆଜି ବି ସେକଥା ମନେପଡିଲେ ଆଖିରେ ଲୁହ ଜକେଇ ଆସେ। ତେବେ ମୋର ଗୋଟେ ସ୍ୱପ୍ନ ଥିଲା ଅଧ୍ୟାପିକା ହେବାକୁ। ଶିକ୍ଷାଦାନ କରିବାର ଅଦମ୍ୟ ଇଚ୍ଛା ମୋତେ ବୋଧହୁଏ ଆଜି ଟାଣି ଆଣିଛି ବିଦ୍ୟାଳୟ ଶିକ୍ଷା କ୍ଷେତ୍ରକୁ। ଦିନେ ସ୍ୱପ୍ନ ଥିଲା ପିଲାମାନେ ମ୍ୟାଡାମ୍ ଡାକିବେ। ଆଜି କିନ୍ତୁ କୁନି ପିଲାଙ୍କ 'ଗୁରୁମା' ଡାକ ମନରେ ଅଧିକ ସରାଗ ବୋଳି ଦେଉଛି। ଶିକ୍ଷାଦାନ ବ୍ୟତିତ ମୁଁ ଅନେକ ଲେଖାଲେଖି ବି କରେ। ବିଜ୍ଞାନ ଦିଗନ୍ତ, ସରଳା, ହୋମ୍ ସାଇନ୍ସ ଭଳି ପତ୍ରିକାରେ ମୋର ଅନେକ ଲେଖା ପ୍ରକାଶିତ ହୋଇଛି। ଜଣେ ବିଜ୍ଞାନ ଲେଖିକା ଭାବରେ ପରିଚୟ ବି ପାଇଛି। କେବଳ ସେତିକି ନୁହେଁ ଗାଳ୍ପିକା, ପ୍ରାବନ୍ଧିକା ଭାବରେ ମଧ ମୋର ଏକ ଭିନ୍ନ ପରିଚୟ ସୃଷ୍ଟି ହୋଇଛି। ମୋ ଲିଖିତ ଅନେକ ଗପ, କବିତା, ପ୍ରବନ୍ଧ ଆଦି ବିଭିନ୍ନ ଖବରକାଗଜ ତଥା ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକାଦୃତ ମଧ ହୋଇପାରିଛି। ସମ୍ପ୍ରତି ଭୁବନେଶ୍ୱରର ଗୁମୁଗୁମା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ମୁଁ କାର୍ଯ୍ୟରତ। ଈଶ୍ୱରଙ୍କ କୃପାରୁ ସଂଘର୍ଷ କରି ଜିଇଁବା ଭିତରେ ମୋ ଆଗରେ ଆଜି ଏକ ପରିପୂର୍ଣ୍ଣ ଓ ସାର୍ଥକ ଜୀବନର ସ୍ୱର୍ଣ୍ଣିମ ସରଣୀଟିଏ ଆହୁରି ଆଗକୁ ମାଡିଯିବା ପାଇଁ ମୋତେ ପ୍ରେରଣା ଦେଉଥିବାର ମୁଁ ଲକ୍ଷ୍ୟ କରୁଛି।







# ବୃକ୍ଷପ୍ରେମୀ ଲକ୍ଷ୍ମୀଧର

ପେସା ତାଙ୍କର ଶିକ୍ଷକତା କିନ୍ତୁ ନିଶା ବୃକ୍ଷ ରୋପଣ। ପ୍ରାକୃତିକ ପରିବେଶରେ କିପରି ବିଭିନ୍ନ ବୃକ୍ଷଲତାର ସୁରକ୍ଷା ହୋଇପାରିବ ସେଥିପାଇଁ ସେ ପ୍ରୟାସ କରିଛନ୍ତି। ଏଥିଲାଗି ୨୦୧୧ ମସିହାରୁ ସକ୍ରିୟଭାବେ ସେ ବୃକ୍ଷ ରୋପଣ କାର୍ଯ୍ୟ ଜାରି ରଖିଛନ୍ତି । ବିଭିନ୍ନ ସ୍ଥାନରେ ନାନା ପ୍ରକାର ବୃକ୍ଷଲତା ଲଗାଇଛନ୍ତି। ସେ ହେଲେ ଲକ୍ଷ୍ମୀଧର ପ୍ରଧାନ। ଜଣେ ଅବସରପ୍ରାପ୍ତ ଶିକ୍ଷାବିତ୍ । ସେ କୁହନ୍ତି, ମୋ ବାପା ହାଲୁରୀ ପ୍ରଧାନ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ମା' ସୁନ୍ଦରୀ ପ୍ରଧାନ ଜଣେ ସାଧାରଣ ଗୃହିଣୀ । ଆମ ଘର ନୟାଗଡ଼ ଜିଲାର ଗୋପାଳପୁରରେ। ସେହିଠାରେ ହିଁ ମୋର ପ୍ରାଥମିକ ଶିକ୍ଷା ଆରମ୍ଭ ହୁଏ। ଏହାପରେ ଭୀମଭୋଇ ହାଇସ୍କୁଲ ଭୁବନେଶ୍ୱର ଏବଂ ରାଜଧାନୀ କଲେଜ ଓ ବାଣୀବିହାରରେ ରାଜନୀତିବିଜ୍ଞାନରେ ସ୍ନାତକୋତ୍ତର ପଢ଼ିଥିଲି। ସମୟକ୍ରମେ ୧୯୮୭ରେ ଶିଶୁ ଅନନ୍ତ ମହାବିଦ୍ୟାଳୟରେ ବିଜ୍ଞାନ ଅଧ୍ୟାପକ ଭାବେ ଯୋଗଦେଲି। ୧୯୯୯ରେ ରାମଚଣ୍ଡୀ ମହାବିଦ୍ୟାଳୟ, ୨୦୦୧ରେ ବେଗୁନିଆ ମହାବିଦ୍ୟାଳୟ ଏବଂ ୨୦୧୧ରେ ପ୍ରତାପ ଶାସନ ମହାବିଦ୍ୟାଳୟରେ ଥିଲାବେଳେ ଏଠାରେ ଥିବା ପ୍ରାୟ ୧୦ ଏକର ଅଞ୍ଚଳରେ ଗଛ ଲଗାଇବା ପାଇଁ ମନସ୍ଥ କରିଥିଲି। ପରେ ଏହି କଲେଜ ପରିଚାଳନା କମିଟିର ସହଯୋଗରେ ଏହାର ପରିସରରେ ପ୍ରାୟ ୫ ହଜାର ବିଭିନ୍ନ ଗଛର ଚାରା ଲଗାଇଥିଲୁ। ପିଲାଟିଦିନରୁ ବାପା ଓ ଭାଇଙ୍କ ଦ୍ୱାରା ଏପରି କାର୍ଯ୍ୟ ପ୍ରତି ଅନୁପ୍ରାଣିତ ହୋଇଥିଲି। ୨୦୧୪ରୁ ୨୦୧୮ ଯାଏ କଲେଜର ଅଧକ୍ଷ ଦାୟିତ୍ୱରେ ରହିଥିଲି। ସେତେବେଳେ ଉପଜିଲାପାଳ ଦେବବ୍ରତ ସାହୁଙ୍କ ସହଯୋଗରେ ପ୍ରାୟ ୧୮ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ଏକ ପାଚେରି ନିର୍ମାଣ କରାଯାଇଥିଲା, ଯାହା ଏହି ପରିସରରେ ଲଗାଯାଉଥିବା ଗଛକୁ ସୁରକ୍ଷିତ ରଖିବା ପାଇଁ ସହାୟକ ହୋଇପାରିଥିଲା। ଏଥିଯୋଗୁ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଗଛ ଏବେ ସୁରକ୍ଷିତ ଅବସ୍ଥାରେ। ଏଥିପାଇଁ ୨୦୧୪ରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ପ୍ରକୃତିମିତ୍ର ପୁରସ୍କାର ମିଳିଛି। ଏଠାରେ ଜାମୁ, ପିଜୁଳି, ଲେମ୍ବୁ, ସପେଟା, ଆମ୍ବ ଇତ୍ୟାଦି ନାନା ଫଳଗଛ ଲାଗିଛି। ତେବେ ଏହି କଲେଜର ସୌନ୍ଦର୍ଯ୍ୟ ପାଇଁ ଏକ ପୁଷ୍ପ ଉଦ୍ୟାନ କରାଯିବା ସହିତ ବିଭିନ୍ନ କଳାକୃତି ଓ ଚିତ୍ର ତିଆରି କରାଯାଇଛି। ଏବେ ମୁଁ ଆଞ୍ଚଳିକ ବିକାଶ ପରିଷଦର ଜଣେ ସକ୍ରିୟ କର୍ମଚାରୀ। ଏହାର ସଭାପତି ବୃନ୍ଦାବନସାହୁ ଏବଂ ସଂପାଦକ ଅରୁଣ ପୁରୋହିତ ବୃକ୍ଷରୋପଣ କାର୍ଯ୍ୟରେ ମତେ ସହଯୋଗ କରିଥାନ୍ତି । ଲିଙ୍ଗିପୁର, ଜୟୀପୁର, ଇଟିପୁର, ବସନ୍ତପୁର ଓ ପଲାସପୁର ଆଦି ଅଞ୍ଚଳରେ ପ୍ରାୟ ୨ହଜାର ଚାରାରୋପଣ କରାଯାଇଛି। ଏହି ଅଞ୍ଚଳର ବୃକ୍ଷପ୍ରେମୀମାନଙ୍କ ସହଯୋଗରେ ଗଙ୍ଗୁଆ ନଦୀ କୂଳେ କୂଳେ ବିଭିନ୍ନ ଗଛର ଚାରା ଲଗାଇବା କାର୍ଯ୍ୟ ଜାରି ରହିଛି ।






# କାହ୍ନୁ ଢୋଲିଆ

ଓଡ଼ିଶାର ପୁରପଲ୍ଲୀରେ ଏମିତି ଅନେକ କଳାକାର ଅଛନ୍ତି ଯେଉଁମାନେ ସେହି ଅଞ୍ଚଳ ଲୋକମାନଙ୍କର ଚିତ୍ତବିନୋଦନ କରିବାରେ ମୁଖ୍ୟ ଭୂମିକା ନେଇଥାନ୍ତି। ନିଜ କଳାକୁ ନେଇ କିନ୍ତୁ ଏମାନେ ବେଶ୍ ସନ୍ତୁଷ୍ଟ। ଏହିଭଳି କେତେଜଣ କଳାକାର ଅଛନ୍ତି ଯେଉଁମାନେ କି ପାରମ୍ପରିକ ବାଦ୍ୟ ବଜାଇ ସ୍ଥାନୀୟ ଲୋକଙ୍କର ମନୋରଞ୍ଜନ କରିଥାନ୍ତି। ଯେଉଁମାନଙ୍କ ଭିତରେ ଜଣେ ହେଲେ ବାଦ୍ୟକାର କାହ୍ନୁ ଚରଣ ମଲ୍ଲିକ। ବୟସ ପ୍ରାୟ ୬୦ ବର୍ଷ। ପିତା ପଞ୍ଚୁ ମଲିକ, ମା' ଲାବଣ୍ୟ ମଲିକ। ଘର ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଗଡ଼ରେଙ୍ଗଲର ଇଚ୍ଛାପୁର ଗାଁରେ। ସେ କୁହନ୍ତି, ପିଲାଟି ଦିନରୁ ବିଭିନ୍ନ ବାଦ୍ୟ ବଜାଇବାର ରୁଚି ଥିଲା। ପ୍ରାୟ ୧୨ ବର୍ଷ



ବୟସରୁ ଢୋଲବାଦ୍ୟ ଶିଖିଥିଲି। ଏଥିଯୋଗୁ ଆମ ଗାଁରେ ଯେତେବେଳେ କିଛି ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିଲା ସେଠାକୁ ଯାଇ ବାଦ୍ୟକାରଙ୍କ ବିଭିନ୍ନ ବାଦନଶୈଳୀକୁ ଅନୁସରଣ କରିଥାଏ। ଘରକୁ ଆସି ସେମିତି କେତେକ ବାଦ୍ୟକୁ ବଜାଇବାର ଅଭ୍ୟାସ ଜାରି ରଖିଲି। କିନ୍ତୁ ଖୁବ୍ କମ୍ ଦିନରେ ବିଭିନ୍ନ ବାଦ୍ୟର ତାଳକୁ ଶିଖିପାରିଥିଲି। ତେଲଙ୍ଗାବାଜା, ସମ୍ବଲପୁରୀ, ନାଗାବାଦ୍ୟ, ଯୋଡ଼ିନାଗରା, ସିଂହବାଦ୍ୟ, ପଞ୍ଜାବୀ, ଦୁଲ୍‌ଦୁଲି ଓ ଢୋଲବାଦ୍ୟ ଆଦି ବଜାଇଥାଏ। ବିଶେଷକରି ଘୋଡ଼ାନାଚ, ପାଇକଆଖଡ଼ା କାର୍ଯ୍ୟକ୍ରମରେ ଓଡ଼ିଶା ବାହାରେ ମହାରାଷ୍ଟ୍ର, ଅନନ୍ତନାଗ, ଗୁଜରାଟ, ନୂଆଦିଲ୍ଲୀ, ସୁରଟ, ଆନ୍ଧ୍ର, କର୍ନାଟକର ବିଭିନ୍ନ ଅଞ୍ଚଳକୁ ଯାଇଛି। ସେହିପରି ଓଡ଼ିଶାର ପୁରୀ, ଖୋର୍ଦ୍ଧା, ଭୁବନେଶ୍ୱର, ରାୟଗଡ଼ା, ଢେଙ୍କାନାଳ, କଟକ, ନୟାଗଡ଼, ସୋନପୁର, ବ୍ରହ୍ମଗିରି, ବାଣପୁର, ତାପଙ୍ଗ, ବୋଲଗଡ଼, ବ୍ରହ୍ମପୁର, ବାଙ୍କୀ, ଫୁଲବାଣୀ, ସମ୍ବଲପୁର, ରାଉରକେଲା ଆଦି ଅନେକ ସ୍ଥାନରେ ନାନା ପ୍ରକାର ବାଦ୍ୟ ବଜାଇ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି। ଏମିତିରେ ପାଇକମାନଙ୍କ ବୀରବାଦ୍ୟର ତାଳକୁ ଖୁବ୍ ନିଖୁଣ ଭାବରେ ପରିବେଷଣ କରିଥାଏ। ଏଥିପାଇଁ କେତେକ ଅନୁଷ୍ଠାନରୁ ସମ୍ମାନ ଓ ପୁରସ୍କାର ମିଳିଛି। ଏହି ବାଦ୍ୟ ବଜାଇବାରେ ବିତିଗଲାଣି ପ୍ରାୟ ୪ ଦଶନ୍ଧି । ହେଲେ ଜଣେ ପାଇକବାଦ୍ୟ କଳାକାର ଭାବେ ସରକାରୀ ସ୍ତରରେ ଏଯାଏ ମିଳିପାରିନି ସ୍ୱୀକୃତି।

# ମଡେଲ ମିରର୍



ରିତୁ

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ-ଓଡ଼ିଶା ଫ୍ୟାଶନ ଭିଲ୍ଲା

# ହାଃ ହାଃ

## ଭଲ କାମ

ଶିକ୍ଷକ ରାଜୁକୁ: ତମେ କେବେ କିଛି ଭଲ କାମ କରିଛ ?

ରାଜୁ: ହଁ, ସାର୍

ଶିକ୍ଷକ: କ'ଣ କରିଥିଲ କହିଲ ଦେଖି।

ରାଜୁ: ସାର୍, ଦିନେ ଜଣେ ବୁଢାଲୋକ ବହୁତ ଧୀରେ ଧୀରେ ଚାଲିକି ଘରକୁ ଫେରୁଥିଲେ। ଏହା ଦେଖି ମୁଁ ତାଙ୍କ ପଛରେ ଗୋଟେ କୁକୁର ଲଗେଇଦେଲି। ଆଉ ସେ ଦୌଡି ଦୌଡି ଖୁବ୍ ଶୀଘ୍ର ଘରେ ପହଞ୍ଚିଗଲେ।

## ମାତୃଭାଷା

ଶିକ୍ଷକ ଗୋପିକୁ: ଆଇ ହାଭ୍ ପୋର୍ ଟି' ଅନ୍ ଦି ଟେବଲ୍। ଏହି ବାକ୍ୟକୁ ତୁ ତୋ' ନିଜ ମାତୃଭାଷାରେ କହ।

ଗୋପି: ହଉ କହୁଛି। 'ବଦ୍‌ମାସ୍ ପିଲା, ଚା' ଢାଳି ଦେଇ ଚୁପ୍ ଚାପ ବସିପଡିଛୁ। ୟାକୁ କ'ଣ ତୋ' ବାପା ଆସି ପୋଛିବେ ? ସାଙ୍ଗେ ସାଙ୍ଗେ ପୋଛେ। ନ ହେଲେ ଆଜି ତୋ' ପିଠିରେ କୁଅ ଖୋଳି ଦେବି।'

## ଚୋରି

ଜଜ୍: ତମେ ସେ ଭଦ୍ର ବ୍ୟକ୍ତିଙ୍କ ଟଙ୍କା କାହିଁକି ଚୋରି କଲ ?

ଚୋର: ମୁଁ ଚୋରି କରିନି ଆଜ୍ଞା। ସେ ତ ନିଜେ ମତେ ଦେଇଛନ୍ତି।

ଜଜ୍: ଆଚ୍ଛା ! କେବେ ଦେଲେ ସେଇଟା ଟିକେ କହିଲ।

ଚୋର: ସାର୍, ଯେତେବେଳେ ମୁଁ ତାଙ୍କୁ ଛୁରୀ ଦେଖେଇଥିଲି।






# ସୌନ୍ଦର୍ଯ୍ୟର ଗନ୍ତାଘର

# ସାପୁତାରା ଶୈଳନିବାସ

ସାପୁତାରା ହିଲ୍ ଷ୍ଟେଶନଟି ଗୁଜରାଟର ଏକମାତ୍ର ଶୈଳନିବାସ। ଏହା ଗୁଜରାଟ ଓ ମହାରାଷ୍ଟ୍ର ସୀମା ମଧ୍ୟସ୍ଥ ପଶ୍ଚିମଘାଟ ପର୍ବତମାଳାର ସୈୟାଦ୍ରୀ ପାହାଡ଼ ଶୃଙ୍ଖଳା ଅନ୍ତର୍ଭୁକ୍ତ ଅତ୍ୟନ୍ତ ସୁନ୍ଦର ସ୍ଥାନଟିଏ। ଗୁଜରାଟର ପର୍ଯ୍ୟଟନ ମାନଚିତ୍ରରେ ଏହା ଶ୍ରେଷ୍ଠ ସ୍ଥାନରେ ରହିଛି। ରାମାୟଣର ପୌରାଣିକ ତଥ୍ୟ ଅନୁସାରେ ଘନଜଙ୍ଗଲ ଭରା ଏହି ପାହାଡ଼ରେ ତ୍ରେତୟାଯୁଗରେ ମହାପ୍ରଭୁ ଶ୍ରୀରାମଚନ୍ଦ୍ର ତାଙ୍କର ବନବାସ କାଳରେ ବାସ କରୁଥିଲେ। ଏଇଠି ଜଙ୍ଗଲରେ ବାସ କରୁଥିବା ଶବରୀ ଶ୍ରବଣା ତାଙ୍କୁ ସ୍ନେହରେ ଅଇଁଠା କୋଳି ଖୁଆଇଥିଲା। ଭକ୍ତ ଆଉ ଭଗବାନଙ୍କର ସେହି ଅପୂର୍ବ ସ୍ମୃତିର ସାକ୍ଷୀ ବହନକରି ଏଠାରେ ଗଢ଼ାହୋଇଛି ଶବରୀମାତା ମନ୍ଦିର। ବଡ଼ ବଡ଼ ପର୍ବତ କଟାହୋଇ ତିଆରି ହୋଇଛି ସର୍ପିଳ ରାସ୍ତା। ରାସ୍ତାର ଦୁଇକଡ଼େ ଲମ୍ବା ଲମ୍ବା ଗଛ, ମଝିରେ ମଝିରେ ପାହାଡ଼ର ସୁନ୍ଦର ଶୋଭା ଦେଖି ଦେଖି ମୁଗ୍ଧ ହେଉଥାନ୍ତି ପର୍ଯ୍ୟଟକ। ପାହାଡ଼ର ପାଦଦେଶରୁ ଶୀର୍ଷ ପର୍ଯ୍ୟନ୍ତ ଯିବା ପାଇଁ ରୋପ୍‌ୱେ ଅଛି ସେଠାରେ। ଗୁଜରାଟ ସରକାରଙ୍କ ପର୍ଯ୍ୟଟନ ବିଭାଗର ସୌଜନ୍ୟରୁ ପାହାଡ଼ର ଶୀର୍ଷଦେଶରେ ପାହାଡ଼ ଚୂଡାକୁ ସମତୁଲ କରି ତିଆରି ହୋଇଛି ବିସ୍ତୀର୍ଣ୍ଣ ପ୍ରାନ୍ତରଟିଏ। ସେଠାରେ ପିଲାମାନଙ୍କ ଖେଳିବା ସହ ବଡ଼ମାନଙ୍କ ଖାଇବା ପିଇବା ଓ ମନୋରଞ୍ଜନର ବନ୍ଦୋବସ୍ତ ରହିଛି। ସେହି ପାହାଡ଼ ଉପରେ ଅନତିଦୂରରେ ରହିଛି ସାପୁତାରା ଲେକ୍। ଲେକ୍‌ର ଶୋଭା ଅତୀବ ସୁନ୍ଦର, ସେଠାରେ ପର୍ଯ୍ୟଟକମାନଙ୍କ ପାଇଁ ବୋଟିଂର ବ୍ୟବସ୍ଥା ଓ ପାରା ଗ୍ଲାଇଡିଂ ସେଣ୍ଟର ଅଛି। ସେଠାରେ ରହି ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତର ଶୋଭା ସନ୍ଦର୍ଶନ କରିବା ପାଇଁ ପାହାଡ଼ ଉପରେ ସନ୍ ରାଇଜ୍ ଏବଂ ସନ୍ ସେଟ୍ ପଏଣ୍ଟ ମଧ୍ୟ ରହିଛି, ଆଉ ପାହାଡ଼ର ଉତ୍ତର ଦିଗରେ ରହିଛି ସୁନ୍ଦର କାରୁକାର୍ଯ୍ୟଭରା ଜୈନ ମନ୍ଦିରଟିଏ। ସେଠାରେ ମଧ୍ୟ ରହିଛି ଗୋଟିଏ ଷ୍ଟେପ୍ ଗାର୍ଡେନ୍। ବଗିଚାଟିକୁ ପ୍ରାକୃତିକ ରୂପ ଦେବାପାଇଁ ଖୁବ୍ ଚେଷ୍ଟା କରିଛନ୍ତି କାରିଗରମାନେ।







ସାପୁତାରା ଶୈଳନିବାସ ଯିବା ବାଟରେ ପଡ଼େ ୱାଘାଇ ଗାର୍ଡେନ୍। ଏହା ଗୁଜରାଟର ଜାତୀୟ ଉଦ୍ଭିଦ ଉଦ୍ୟାନ। ଗୋଲାକାର ସେଇ ଉଦ୍ୟାନଟି ସମ୍ପୂର୍ଣ୍ଣ ବୁଲି ଦେଖିବା ଲାଗି ଦର୍ଶକମ୍‌କୁ ହାରାହାରି ୨ଘଣ୍ଟା ଲାଗିଯିବ।
ଗୁଜରାଟ ଓ ମହାରାଷ୍ଟ୍ର ସୀମାରେ ଅବସ୍ଥିତ ସପ୍ତଶୃଙ୍ଗୀ ମାତାଙ୍କ ମନ୍ଦିର। ସାପୁତାରା ଦେଖିବାକୁ ଯାଉଥିବା ପର୍ଯ୍ୟଟକମାନେ ନିଶ୍ଚିତ ଭାବରେ ଯାଆନ୍ତି ସପ୍ତଶୃଙ୍ଗୀ ଗଡ଼ର ସେହି ଶକ୍ତିପୀଠଟି ଦେଖିବାକୁ । ଜାତୀୟ ରାଜପଥରେ ରାସ୍ତାକଡରେ ରହିଛି ଏକର ଏକର ବ୍ୟାପୀ ଆଖୁ ଏବଂ ଅଙ୍ଗୁରର କ୍ଷେତ। ଏହାପରେ ମହାରାଷ୍ଟ୍ରରେ ପ୍ରବେଶ ପାଇଁ ଆରମ୍ଭ ହୁଏ ପାହାଡ଼ୀ ରାସ୍ତା । ଏମିତି ଯାଇ ଯାଇ ପହଞ୍ଚିବାକୁ ପଡ଼େ ସପ୍ତଶୃଙ୍ଗୀ ଗଡ଼ରେ। ସାତୋଟି ପର୍ବତର ଘେରା ମଧ୍ୟରେ ଗୋଟିଏ ସୁଉଚ୍ଚ ପର୍ବତର ଶୀର୍ଷଦେଶରେ ମାଆ ସପ୍ତଶୃଙ୍ଗୀଙ୍କର ଆବାସସ୍ଥଳୀ। ପାହାଡ଼ୀ ଆଦିବାସୀ ମହିଳାମାନେ ସେଠାର ଜଙ୍ଗଲରୁ ଗୋଟାଇଥିବା ଲୋଭନୀୟ ଆଲ୍‌ଫାନ୍ସୋ ଆମ୍ବସବୁ ଟୋକେଇରେ ଧରି ବିକ୍ରିକରିବା ପାଇଁ ବସିଥାନ୍ତି । ଗୋଲ୍ ଗୋଲ୍ ବୁଲି ବୁଲି ଗାଡ଼ି ପାହାଡ଼ର ଶୀର୍ଷରେ ପହଞ୍ଚିଥାଏ । ସେଠାରେ ରହିଛି ପ୍ରସ୍ତର ନିର୍ମିତ ଗୋଟିଏ ବଡ଼ ସୁନ୍ଦର ଶିବମୂର୍ତ୍ତି ଏବଂ କାର୍ ପାର୍କିଂ।
ସେଇଠୁ ରୋପ୍ ୱେରେ ଚାଲୁଥିବା ଟ୍ରେନ୍‌ରେ ବସି ଯିବାକୁ ହୁଏ ମନ୍ଦିର ପାଖକୁ । ସେଠାରେ ଗୋଟିଏ ପଟରେ ରହିଛି ଏକ ସୁବ୍ୟବସ୍ଥିତ ଭୋଜନାଳୟ, କେତେକ ମନୋହରୀ ଦୋକାନ ବଜାର, ଆର ପଟେ ରହିଛି ମାଆଙ୍କର ଦର୍ଶନ କରିବା ପାଇଁ ଯିବାର ରାସ୍ତା ଓ ଅଳ୍ପ କିଛି ପାହାଚ। ସେଥିରେ ଯାଇ ଦର୍ଶକମାନଙ୍କ ଲମ୍ବା ଧାଡ଼ିରେ ଠିଆ ହୋଇ ଧାଡ଼ିରେ ଧାଡ଼ିରେ ଯାଇ ପହଞ୍ଚିବ ପାହାଡ଼ ଖୋଲରେ ଯେଉଁଠି ରହିଛି ମାଆଙ୍କର ଆସ୍ଥାନ। ଦେବୀଙ୍କ ବିଷୟରେ ଦେବୀ ଭାଗବତ ଏବଂ ସ୍କନ୍ଧ ପୁରାଣରେ ଉଲ୍ଲେଖ ରହିଛି। ମା' ସତୀଙ୍କ ଶରୀରରୁ ଗଠିତ ୫୧ଟି ଶକ୍ତିପୀଠ ମଧ୍ୟରୁ ଏହି ପୀଠଟି ଅନ୍ୟତମ। ଏହା ଏକ ପ୍ରସିଦ୍ଧ ଶକ୍ତି ପୀଠ, ଯେଉଁଠି ଦେବୀଙ୍କର ମୂର୍ତ୍ତିଟି ସ୍ୱୟମ୍ଭୁ ଅର୍ଥାତ୍ ନିଜ ଦ୍ୱାରା ନିଜେ ନିର୍ମିତ । କିନ୍ତୁ ଭକ୍ତମାନଙ୍କ ପ୍ରଦତ୍ତ କୌଣସି ଭୋଗ ଲାଗି ହୁଏ ନାହିଁ ଦେବୀଙ୍କଠାରେ। କେବଳ ସିନ୍ଦୂର ଦେବୀଙ୍କର ପାଦରେ ଲାଗି ହୁଏ, ବାକି ଜିନିଷ ସେଠାରେ ଥିବା ରୌପ୍ୟ ନିର୍ମିତ ଦେବୀଙ୍କର ପାଦଚିହ୍ନ ଆସ୍ଥାନରେ ଛୁଆଁଇ ଫେରାଇ ଅଣାଯାଏ। ତଳକୁ ଆସିବା ରାସ୍ତାରେ ରହିଛି ନାଗେଶ୍ୱର ଶିବମନ୍ଦିର । ଭକ୍ତମାନେ ମାନସିକ ରଖି ସେଠାରେ ପୂଜାର୍ଚ୍ଚନା କରିଥାନ୍ତି। ଏଠାକୁ ଯିବା ପାଇଁ ନିକଟତମ ଏୟାରପୋର୍ଟଟି ହେଉଛି ମୁମ୍ବାଇର ଛତ୍ରପତି ଶିବାଜୀ ବିମାନବନ୍ଦର। ଏହା ସାପୁତାରାଠାରୁ ପ୍ରାୟ ୩୬୦ କି.ମି. ଦୂର। ଟ୍ରେନ୍‌ରେ ଗଲେ ସାପୁତାରାରୁ ୬୦ କି.ମି. ଦୂରତାରେ ଥିବା ୱାଘାଇ ରେଳଷ୍ଟେଶନରେ ଓହ୍ଲାଇ ସେଠାରୁ ଟ୍ୟାକ୍ସି କିମ୍ବା ବସ୍ ଧରି ଯାଇ ହୁଏ ସାପୁତାରା ଶୈଳନିବାସ । ସମସ୍ତ ଆନ୍ତଃରାଜ୍ୟ ବସ୍ ଟର୍ମିନାଲରୁ ଟୁରିଷ୍ଟ ବସ୍ ପ୍ରତିଦିନ ପହଞ୍ଚିଥାଏ ସାପୁତାରା ଶୈଳନିବାସରେ। ଦେଶ ବିଦେଶରୁ ଅନେକ ଟୁରିଷ୍ଟ ସେଠାରେ କିଛିଦିନ ରହି ପ୍ରକୃତିର ନୈସର୍ଗିକ ଶୋଭାସମ୍ଭାର ଉପଭୋଗ କରିବା ସହ ଦେବଦେବୀଙ୍କର ଦର୍ଶନକରି ଐଶୀ କୃପା ଲାଭ କରିଥାନ୍ତି।

*-ସୁଷମା ପରିଜା, ଶାରଳା ଭବନ, ପୋତାପୋଖରୀ, ନୂଆବଜାର, କଟକ*









# ମେଣ୍ଢା ଛୁଆର ଲମ୍ବା କାନ

ମେଣ୍ଢା ଛୁଆଗୁଡ଼ିକ ଦେଖିବାକୁ ବହୁତ ସୁନ୍ଦର। ତେବେ ଆଜି ଆମେ ଏମିତି ଏକ ମେଣ୍ଢା ଛୁଆ ବିଷୟରେ କହିବୁ ଯିଏ ଦେଖିବାକୁ ଯେତିକି ସୁନ୍ଦର ସେତିକି ଆଶ୍ଚର୍ଯ୍ୟଜନକ ମଧ୍ୟ। କାରଣ ଏହାର କାନ ଏତେ ଲମ୍ବା ଯେ, ତାହା ତଳେ ଘୋଷାଡ଼ି ହୁଏ। ଏଇ ଲମ୍ବା କାନ ଥିବା ମେଣ୍ଢା ଛୁଆର ନାମ ହେଉଛି ସିମ୍ବା। ପଞ୍ଜାବର ସିନ୍ଧ ପ୍ରାନ୍ତରେ ଜୁନ୍ ୪ରେ ମମି ନାମକ ମେଣ୍ଢା ଏହି ଅଜବ ମେଣ୍ଢା ଛୁଆକୁ ଜନ୍ମ ଦେଇଛି। ଜନ୍ମ ସମୟରେ ଏହାର କାନର ଲମ୍ବ ୪୮ ସେ.ମି. ଥିଲା। ହେଲେ ମାସକ ଭିତରେ ତାହା ଆହୁରି ଲମ୍ବା ହୋଇ ୫୬ ସେ.ମି. ହୋଇଗଲାଣି। ତେଣୁ ସେ ଚାଲିବାବେଳେ କାନ ଦୁଇଟି ତଳେ ଘୋଷାଡ଼ି ହେଉଛି। ଆଉ କାନ ମଇଳା ହୋଇଯାଉଛି। ତେଣୁ ମାଲିକ ମହମ୍ମଦ ହସନ ଅଖାକୁ କାଟି ସିଲେଇକରି କାନରେ ଲଗାଇ ଦେଉଛନ୍ତି। ଏବେ ମହମ୍ମଦଙ୍କ ଘରେ ମେଣ୍ଢା ଛୁଆକୁ ଦେଖିବାକୁ ଲୋକଙ୍କ ଭିଡ ଲାଗି ରହୁଛି। ବିଭିନ୍ନ ଗଣମାଧ୍ୟମ ମେଣ୍ଢାଛୁଆକୁ ନେଇ ଅନେକ ପ୍ରୋଗ୍ରାମ କରିଛନ୍ତି। ମହମ୍ମଦ ଆଶା ରଖିଛନ୍ତି ତାଙ୍କ ମେଣ୍ଢା ଛୁଆର ନାମ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ନିଶ୍ଚୟ ସାମିଲ ହେବ।

## କାର୍ଟୁନ କର୍ନର



# ଭିଡିଓ ଗେମ୍ ଚରିତ୍ରର କଣ୍ଢେଇ ସଂଗ୍ରହ

ମଣିଷର ସଉକ ତାକୁ ଖୁସି ଦେଇଥାଏ। ଅନେକ ସମୟରେ ତ ସେଇ ସଉକକୁ ସେ ଜୀବନର ଆଧାର ଓ ଜୀବନର ଲକ୍ଷ୍ୟ ବି କରିନିଏ। ସେମିତି ଟେକ୍ସାସ୍‌ର ବୈରୀ ଇବାସ୍ ନାମକ ଜଣେ ବ୍ୟକ୍ତି ନିଜ ପିଲାଦିନର ସଉକକୁ ଏଭଳିଭାବେ ନିଜ ଭିତରେ ଜୀବନ୍ତ ରଖିଛନ୍ତି ଯେ, ଆଜି ତାଙ୍କ ଘର କଣ୍ଢେଇରେ ଭର୍ତ୍ତି ହୋଇଯାଇଛି। ବୟସ ତାଙ୍କୁ ପ୍ରାୟ ୫୦ ବର୍ଷ। ଭାବୁଥିବେ ଏ ବୟସରେ ବା ତାଙ୍କର କଣ୍ଢେଇ ସଉକ କେମିତି ରହିଛି। ତେବେ କହିବାକୁ ଗଲେ ତାଙ୍କର ସଉକ କଣ୍ଢେଇ ନୁହେଁ ବରଂ ଭିଡିଓ ଗେମ୍ ଚରିତ୍ରଗୁଡିକ ତାଙ୍କର ସଉକ। ଦୀର୍ଘ ୩୦ ବର୍ଷ ହେବ ସେ ଭିଡିଓ ଗେମ୍ 'ସୋନିକ ଦ ହେଜହୋଗ'ର ଚରିତ୍ରର କଣ୍ଢେଇଗୁଡ଼ିକୁ ସଂଗ୍ରହ କରୁଛନ୍ତି। ଏବେ ତାଙ୍କ ପାଖରେ ୩୦୫୦ କ୍ୟାରେକ୍ଟର ଟୟ ଅଛି। ଏତେ ସଂଖ୍ୟକ ଭିଡିଓ



ଗେମ୍ କ୍ୟାରେକ୍ଟର ଟୟ ରଖିଥିବାରୁ ତାଙ୍କ ନାମ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇଛି। ତାଙ୍କ ପାଖରେ କେବଳ ଖେଳନା ନୁହେଁ, ସେହି କ୍ୟାରେକ୍ଟରର ଚିତ୍ର ଥିବା କପ୍, ପୋଷ୍ଟର, ଚାବି ରିଂ, ଭିଡିଓ ଗେମ୍‌ର ମୁଭି ସିଡୀ ସହ ଭିଡିଓ ଗେମ୍ କ୍ୟାରେକ୍ଟରର ଖେଳନା ଗଢିବା ଛାଞ୍ଚ ଭଳି ଅନେକ ଜିନିଷ ଅଛି। ତାଙ୍କ ସଂଗ୍ରହରେ କିଛି ଦାମୀ ଜିନିଷ ବି ଅଛି ଯେମିତି କି ଟେଲ୍ସର ବିଶାଳ ମୂର୍ତ୍ତି ଓ ୱାକି ଟକି। ବୈରୀ କେବଳ ଏହି ଆଇଟମ୍ କିଣନ୍ତି ନାହିଁ। ବରଂ ନିଜେ ଅନେକ ଜିନିଷ ତିଆରି ବି କରନ୍ତି। ଏଥିପାଇଁ ୧୯୯୩ ମସିହାରେ ସେ ଏ ଅର୍କେଡ ମେଶିନ୍ ବି ତିଆରି କରିଛନ୍ତି।





# ପତ୍ନୀ ତକିଆ ସହ ଭ୍ରମଣ



ଭ୍ରମଣ କରିବାର ସଉକ ଅନେକଙ୍କର ଥାଏ। ଆଉ ଯଦି କେହି ସାଥିରେ ବୁଲିବାକୁ ଯାଆନ୍ତି ତେବେ ଭ୍ରମଣର ମଜା ବଢ଼ିଯାଏ। ହେଲେ ସେହି ସାଥୀ ଜଣକ ଯଦି କୌଣସି କାରଣବଶତଃ ନ ଯାଇ ପାରନ୍ତି, ମନ ଭାରି ଦୁଃଖ ହୋଇଯାଏ। ଫିଲିପାଇନ୍ସର ଜଣେ ବ୍ୟକ୍ତିଙ୍କ କ୍ଷେତ୍ରରେ ବି ସେମିତି ଘଟିଥିଲା। ରେମଣ୍ଡ ଫାର୍ଚୁନାଡୋ ନାମକ ଏହି ବ୍ୟକ୍ତିଙ୍କର ତାଙ୍କ ପତ୍ନୀଙ୍କ ସହ ଫିଲିପାଇନ୍ସର କୋରୋନ ସହରକୁ ବୁଲିବାକୁ ଯିବାର ଥିଲା। ହେଲେ ଠିକ୍ ଯିବା ସମୟରେ ପତ୍ନୀଙ୍କର କିଛି କାମ ଆସିଯିବାରୁ ସେ ଯାଇପାରିଲେ ନାହିଁ। ଏମିତିରେ ରେମଣ୍ଡଙ୍କ ମନ ଦୁଃଖ ତ ହୋଇଥିଲା, ହେଲେ ସେ ଏଭଳି ଏକ ପନ୍ଥା ଆପଣେଇଲେ ଯେ, ଯାହାକୁ ନେଇ ଏବେ ସେ ବେଶ୍ ଚର୍ଚ୍ଚାରେ ଅଛନ୍ତି। ରେମଣ୍ଡଙ୍କ ପତ୍ନୀ ଜଣେ ଫ୍ରିଲେନ୍ସ ମଡେଲ, ଆଉ ଭ୍ରମଣକୁ ଯିବା ସମୟରେ ତାଙ୍କୁ ଏକ ପ୍ରୋଜେକ୍ଟ ମିଳିଲା। ତାକୁ କରିବା ଲାଗି ସେ ରେମଣ୍ଡଙ୍କ ସହ ଯାଇପାରିଲେ ନାହିଁ। ରେମଣ୍ଡଙ୍କୁ ଏକୁଟିଆ ହିଁ ଯିବାକୁ ହେଲା। କିନ୍ତୁ ସ୍ତ୍ରୀଙ୍କ ଉପସ୍ଥିତିକୁ ଅନୁଭବ କରିବା ଲାଗି ସେ ପତ୍ନୀଙ୍କ ମୁହଁ ଥିବା ଏକ ତକିଆକୁ ସାଙ୍ଗରେ ନେଇକି ଗଲେ। ପହଞ୍ଚିବା ପରେ ସେ ସେହି ସହରର ଯେଉଁଠି ବି ବୁଲିଲେ ସାଥୀରେ ତକିଆକୁ ରଖିଥିଲେ। ଆଉ ତକିଆ ସହ ଅନେକ ଫଟୋ ବି ଉଠାଇଛନ୍ତି। କେବେ ଡଙ୍ଗା ଉପରେ ତ କେବେ ବିଚ୍‌ରେ ସେହି ତକିଆ ସହ ଫଟୋ ଉଠାଇଛନ୍ତି। ଏମିତି କି ଡାଇଭିଂ କଲାବେଳେ ତକିଆକୁ ଅକ୍ସିଜେନ୍ ମାସ୍କ ପିନ୍ଧାଇ ଡାଇଭିଂ କରୁଥିବା ଫଟୋ ବି ସେ ଶେୟାର କରିଛନ୍ତି। ରେମଣ୍ଡ କହନ୍ତି, 'ମୋ ସ୍ତ୍ରୀ ବୁଲିବାକୁ ନ ଯାଇପାରିବାରୁ ମୋ ମନ ସହ ତାଙ୍କ ମନ ବି ଦୁଃଖ ହୋଇଥିଲା। ହେଲେ ମୋର ଏଇସବୁ ଫଟୋ ଦେଖିବାପରେ ସେ ବହୁତ ଖୁସି ହୋଇଯାଇଥିଲେ।'

# ତରଳିବନି ଆଇସ୍‌କ୍ରିମ



ଖରାଦିନେ ଆଇସ୍‌କ୍ରିମ ଖାଇବାକୁ କିଏ ବା ଭଲ ନ ପାଏ। ହେଲେ ଆଇସ୍‌କ୍ରିମ ଖାଇବାବେଳେ ଗୋଟିଏ ଅସୁବିଧାର ସମ୍ମୁଖୀନ ସମସ୍ତେ ହୋଇଥାନ୍ତି। ସେ ହେଉଛି ପ୍ରବଳ ଗରମ ଯୋଗୁ ଖୁବ୍ ଶୀଘ୍ର ଆଇସ୍‌କ୍ରିମ ତରଳିଯିବା। ତେବେ ଆଜି ଆମେ ଏଭଳି ଏକ ଆଇସ୍‌କ୍ରିମ ସମ୍ପର୍କରେ କହିବୁ ଯାହା ଆଦୌ ତରଳିବ ନାହିଁ। ବିଶ୍ୱାସ ନ ହେଲେ ବି ଏହା ସତ। ଚାଇନାର ଏକ ପ୍ରିମିୟମ ବ୍ରାଣ୍ଡ କମ୍ପାନୀ ଝୋଙ୍ଗକୁ ଇଗାଓ ଏହି ଖାସ୍ ଆଇସ୍‌କ୍ରିମକୁ ତିଆରି କରିଛି। ଏହାକୁ ଲାଇଟର୍ ଜଳାଇ ତରଳାଇବାକୁ ଚେଷ୍ଟା କଲେ ବି ତରଳୁ ନ ଥିବାର ଏକ ଭିଡିଓ ଏବେ ବେଶ୍ ଭାଇରାଲ ହେଉଛି। ଏଭଳି ଆଇସ୍‌କ୍ରିମ୍ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥିବ ବୋଲି ମଧ୍ୟ ଅନେକେ କହୁଛନ୍ତି। କିନ୍ତୁ କମ୍ପାନୀର କହିବାନୁସାରେ ନ୍ୟାଶନାଲ ଫୁଡ ଷ୍ଟାଣ୍ଡାର୍ଡ ଦ୍ୱାରା ଟେଷ୍ଟ କରାଯାଇ ଏହା ପ୍ରମାଣିତ କରାଯାଇଛି ଯେ, ଉକ୍ତ ଆଇସ୍‌କ୍ରିମ ସ୍ୱାସ୍ଥ୍ୟ ପାଇଁ ଆଦୌ କ୍ଷତିକାରକ ନୁହେଁ। ତେବେ ଭିସ୍କୋସିଟି ଏନ୍‌ହାନ୍ସିଂ ଏଜେଣ୍ଟ ଯୋଗୁ ଆଇସ୍‌କ୍ରିମ ତରଳୁ ନ ଥିବା କମ୍ପାନୀ କହେ।

